# ଡିସିପିଙ୍କ ନିର୍ଦ୍ଦେଶକୁ ଖାତିର କରୁ ନାହାନ୍ତି ଯାତ୍ରା କମିଟି

## ଯାତ୍ରା ପାସ୍ ପାଇ ପୋଲିସ ଚୁପ୍

- ଯାତ୍ରା କମିଟି ମେମ୍ବର, ଯାତ୍ରାପ୍ରେମୀ ହାତାହାତି
- ଅସୁରକ୍ଷିତ ମଣୁଛନ୍ତି ମହିଳା ଦର୍ଶକ



ଏକ ଯାତ୍ରା ପେଣ୍ଡାଲରେ ଲୋକେ ଠିଆହୋଇ ଯାତ୍ରା ଦେଖୁଛନ୍ତି।

ଭୁବନେଶ୍ୱର,୧।୨(ତ୍ରିନାଥ ମହାନ୍ତି)

ଖଣ୍ଡଗିରି କୁମ୍ଭମେଳାରେ ଯାତ୍ରା ଦେଖିବା ପାଇଁ ବିଭିନ୍ନ ଜିଲାରୁ ହଜାର ହଜାର ଦର୍ଶକ ଆସୁଛନ୍ତି। ହେଲେ ସେମାନଙ୍କ ସୁରକ୍ଷା ପ୍ରତି ଖଣ୍ଡଗିରି ଥାନା ପୋଲିସ ଚିନ୍ତା କରୁନାହିଁ। ଦର୍ଶକଙ୍କ ସୁବିଧା ଏବଂ କିଛି ଅଘଟଣ ଆଶଙ୍କାରେ ଡିସିପି ପ୍ରତି ଯାତ୍ରାକମିଟିକୁ ୧୮ଶହ ସିଟ୍ ଧାର୍ଯ୍ୟ କରିଥିଲେ। ହେଲେ ଡିସିପିଙ୍କ ନିର୍ଦ୍ଦେଶକୁ ଯାତ୍ରା କମିଟି ମାନୁନାହାନ୍ତି। ସେମାନେ ମନଇଚ୍ଛା ଚେୟାର ପକାଇ ଦର୍ଶକଙ୍କୁ ଭିତରକୁ ଛାଡୁଛନ୍ତି, ଯେଉଁଥିପାଇଁ ମହିଳା ଦର୍ଶକ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଅଗ୍ନିକାଣ୍ଡ କିମ୍ବା ଅନ୍ୟକିଛି ଦୁର୍ଘଟଣା ଘଟିଲେ ଏକାଧିକ ଦର୍ଶକଙ୍କ ଜୀବନ ଯିବାର ସମ୍ଭାବନା ରହିଛି। ଯାତ୍ରା ପେଣ୍ଡାଲ ଭିତରକୁ ଯିବାପାଇଁ ଏକାଧିକ ଲୋକଙ୍କ ଭିଡ଼ ରହୁଛି। ଆହୁରି ମଧ୍ୟ ଭିଡ଼ ହେବାରୁ ମହିଳାମାନେ ଅସଦାଚରଣର ଶିକାର ହେଉଛନ୍ତି। ପୋଲିସ ସବୁ ଦେଖୁଥିଲେ ମଧ୍ୟ ଦେଖଣାହାରି ସାଜୁଛି। ଡିସିପିଙ୍କ ନିର୍ଦ୍ଦେଶନାମାରେ ଖଣ୍ଡଗିରି ପୋଲିସ ଚଢ଼ାଉ କରି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବାର ନିୟମ ଥିଲେ ମଧ୍ୟ ଥାନାକୁ ଦୈନିକ ଆସୁଥିବା ୪ଶହ ପାସ୍ ପାଇଁ ପୋଲିସ ଚୁପ୍ ହୋଇଯାଉଥିବା ଅଭିଯୋଗ ହେଉଛି। ଯାତ୍ରା କମିଟି ମନଇଚ୍ଛା ପେଣ୍ଡାଲ ଭିତରେ ଚେୟାର ପକାଇ ଦର୍ଶକଙ୍କୁ ଆକ୍ରାମାକ୍ରା କରିଦେଉଛନ୍ତି। ଯାତ୍ରା ପେଣ୍ଡାଲ୍ ପାଖରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ଇଲେକ୍ଟ୍ରି ଶର୍ଟସର୍କିଟ୍ ଘଟିଲେ ବହୁ ଜୀବନ ବିପଦରେ ପଡ଼ିପାରେ ବୋଲି ଅନେକ ଦର୍ଶକ କହୁଛନ୍ତି।

ଖଣ୍ଡଗିରି ମେଳାରେ ଏବେ ୮ଟି ଯାତ୍ରା ପାର୍ଟି ଚାଲିଛି। ଶନିବାର ରାତିରେ ଯାତ୍ରା ସିଂହ ବାହିନୀରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ଯାତ୍ରା ଦେଖିବା ପାଇଁ ୧୮ ଶହ ସିଟ ଧାର୍ଯ୍ୟ କରାଯାଇଥିବାବେଳେ କମିଟି ମେମ୍ବରମାନେ ପ୍ରାୟ ୩ ହଜାରରୁ ଅଧିକ ଟିକେଟ ବିକ୍ରି କରିଦେଇଥିଲେ। ମେଲୋଡି ଆରମ୍ଭ ହେବାବେଳକୁ ପୂରା ହାଉସ ଫୁଲ୍। ଆଉ ପାସ୍ ନେଇ ଯାଇଥିବା ଯୁବକମାନଙ୍କ କଥା ବା ପଚାରେ କିଏ। ଶହ ଶହ ଯାତ୍ରାପ୍ରେମୀ ଠିଆ ହୋଇ ନାଟକ ଦେଖିଥିଲେ, ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ କେତେଜଣ ଯୁବକ ଟିକେଟ କରିଥିବାରୁ ସେମାନେ ବିଭିନ୍ନ ଚେୟାରରେ ବସିଥିଲେ। ସେମାନଙ୍କୁ ଜୋରଜବରଦସ୍ତ କମିଟି ସଦସ୍ୟମାନେ ଉଠାଇବାକୁ ଚେଷ୍ଟା କରିଥିବାବେଳେ ପେଣ୍ଡାଲ୍ ସମ୍ମୁଖରେ ହାତାହାତି ସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ଖଣ୍ଡଗିରି ଥାନା ପୋଲିସ ପହଞ୍ଚି ୮ଜଣଙ୍କୁ ଉଠାଇ ଆଣି ପଚରାଉଚରା କରିଥିଲା। ଏଠାରେ ପ୍ରଶ୍ନ ଉଠୁଛି ଡିସିପିଙ୍କ ନିର୍ଦ୍ଦେଶକୁ ଅବମାନନା କରି ଯାତ୍ରା କମିଟିଗୁଡ଼ିକ କିପରି ୧୮ଶହ ସିଟ୍‌ବଦଳରେ ଅଧିକ ସିଟ୍ ପକାଉଛନ୍ତି। ଜୋନ୍ ଏସିପି ତାପସ ପ୍ରଧାନ କହିଛନ୍ତି, ଏଭଳି ଘଟଣା ଆମ ଦୃଷ୍ଟିକୁ ଆସିଛି। ଆଗକୁ ଯେଭଳି ଏହାର ପୁନଃରାବୃତ୍ତି ନ ଘଟେ ସେଥିପ୍ରତି ଆମେ ଧ୍ୟାନ ଦେବୁ ବୋଲି ସେ କହିଛନ୍ତି।

# ପୂର୍ଣ୍ଣାହୁତିରେ ଜଗତ କଲ୍ୟାଣ କାମନା କଲେ ସାଧୁସନ୍ଥ

## ସରିଲା ଖଣ୍ଡଗିରି କୁମ୍ଭମେଳା

ଭୁବନେଶ୍ୱର,୧।୨(ସୌମ୍ୟରଞ୍ଜନ ରାଉତ)



ସାଧୁସନ୍ଥମାନେ ଯଜ୍ଞରେ ପୂର୍ଣ୍ଣାହୁତି ଦେଉଛନ୍ତି।

ମାଘସପ୍ତମୀଠାରୁ ଆରମ୍ଭ ହୋଇଥିବା ଖଣ୍ଡଗିରି କୁମ୍ଭମେଳା ରବିବାର ମାଘପୂର୍ଣ୍ଣିମା ଅବସରରେ ଉଦ୍‌ଯାପିତ ହୋଇଛି। ପ୍ରାତଃରୁ ରାତି ପର୍ଯ୍ୟନ୍ତ ବେଦପାଠ, ଭଜନ କୀର୍ତ୍ତନ ଓ ମନ୍ତ୍ରଧ୍ୱନିରେ ପ୍ରକମ୍ପିତ ହେଉଥିବା ଖଣ୍ଡଗିରି ଏବେ ନୀରବିଯାଇଛି। ମେଳାରେ ଶେଷଦିନରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ସକାଳୁ ରାତି ପର୍ଯ୍ୟନ୍ତ ମେଳା ପରିସର ଜନସମୁଦ୍ର ପାଲଟିଥିଲା। ଖାଦ୍ୟ ଷ୍ଟଲ୍‌ଠାରୁ ଆରମ୍ଭକରି ମୀନାବଜାର ଓ ରାମଦୋଳି ଆଦି ସ୍ଥାନରେ ଲୋକଙ୍କ ଅସମ୍ଭାଳ ଭିଡ଼ ଜମିଥିଲା। ବିଶ୍ୱସନାତନ ବୈଦିକ ଧର୍ମ ପରିଷଦ ଓଡ଼ିଶା ଆବାହକତ୍ୱରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁସନ୍ଥଙ୍କ ଦ୍ୱାରା ସନାତନ ବୈଦିକ ଧର୍ମ, ସଂସ୍କୃତି, ସୁରକ୍ଷା, ସର୍ବୋପରି ଜଗତ କଲ୍ୟାଣ ପାଇଁ ପଞ୍ଚମହାଯଜ୍ଞ ଧାର୍ମିକ ସଭା ସାଧନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁକୁଳ ବୈଦିକ ଆଶ୍ରମ ବେଦବ୍ୟାସ ରାଉରକେଲାର ବ୍ରହ୍ମଚାରୀ ବ୍ରହ୍ମାନନ୍ଦ ଗୌରବ ଗୁରୁକୁଳ ବ୍ରହ୍ମଚାରିଣୀ ପିଲାମାନଙ୍କ ଦ୍ୱାରା ବେଦପାଠ, ଚତୁର୍ବେଦ ପାରାୟଣ ସହିତ ଯଜୁର୍ବେଦ ମନ୍ତ୍ର ଅନୁଯାୟୀ ଯଜ୍ଞକାର୍ଯ୍ୟରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଯଜ୍ଞରେ ବ୍ରହ୍ମସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ ପରିବ୍ରାଜକ ଭାବେ ମୁଖ୍ୟ ଆସନ ଗ୍ରହଣ କରିଥିଲେ। ବ୍ରହ୍ମଚାରୀ ବିଶେଷ ଚୈତନ୍ୟ ବାବା ଆଲୋକ ଦାସ, ବାବା ଚନ୍ଦନ ଦାସ, ବାବୁଲି ବାବା, ଭାସ୍କର ବାବା, ଶ୍ରୀକୃଷ୍ଣ ମହାରାଜ ପ୍ରମୁଖ ସହଯୋଗ କରିଥିଲେ। ପୂର୍ଣ୍ଣାହୁତିରେ ସମସ୍ତ ସହଯୋଗକାରୀ ତଥା ମା' ବାରଭୂଜି ଧ୍ୱନି ଆଖଡ଼ା, ଆଞ୍ଚଳିକ ଭାଗବତ ତୁଙ୍ଗି ସିଜୁଆ ଆଦି ଧାର୍ମିକ, ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ।

## ୫ଦିନରେ ୪୦ ଚୋରି, ୩ ମହିଳା ଗିରଫ

ଭୁବନେଶ୍ୱର,୧।୨(ତ୍ରିନାଥ ମହାନ୍ତି): ଖଣ୍ଡଗିରି ମେଳାରେ ମହିଳା ଲୁଟେରାମାନେ ପୁରୁଷଙ୍କ ହାତରୁ ମୋବାଇଲ୍ ଲୁଟି ନେଉଥିଲେ। ପକେଟ୍‌ମାର୍ କରି ଟଙ୍କା ଚୋରିକରି ନେଉଥିଲେ। ଗତ ୫ ଦିନରେ ୪୦ରୁ ଊର୍ଦ୍ଧ୍ୱ ଚୋରି ନେଇ ଅଭିଯୋଗ ରହିଥିବାବେଳେ ପୋଲିସ ସିସିଟିଭି ଯାଞ୍ଚକରି ସମ୍ପୃକ୍ତ ୩ ମହିଳାଙ୍କୁ ଗିରଫ କରିଛି। ସେମାନେ ଶନିବାର ରାତିର ଭିଡ଼ରେ ପଶି ଚୋରି କରିବା ସମୟରେ ପୋଲିସ ସେମାନଙ୍କୁ କାବୁ କରିଥିଲା। ଗିରଫ ୩ ମହିଳା ହେଲେ ଯାଜପୁର ପାଣିକୋଇଲିର ଦୀପକ ବାଲ୍, ଲକ୍ଷ୍ମୀ ବାଲ୍ ଏବଂ ଦୀପାଳି ସିଂ। ସେମାନଙ୍କ ନିକଟରୁ ଚୋରିସାମଗ୍ରୀ ଜବତ କରାଯାଇଛି। ଗତ ୩୧ ତାରିଖ ଶନିବାର ରୀତିକା ମହାନ୍ତ ନାମ୍ନୀ ମହିଳା ଖଣ୍ଡଗିରି ମେଳା ବୁଲିବାକୁ ଯାଇଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ଏହି ମହିଳା ଗ୍ୟାଙ୍ଗର ସଦସ୍ୟମାନେ ଭିଡ଼ ଭିତରେ ତାଙ୍କଠାରୁ ମୋବାଇଲ୍ ଲୁଟି ନେଇଥିଲେ। ସେ ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁକରି ତଦନ୍ତ କରିଥିଲା।

# ପ୍ରତିଭା ପ୍ରଦର୍ଶନ କଲା ଆଶାଏଁ ଶିଶୁ ମହୋତ୍ସବ

ଭୁବନେଶ୍ୱର,୧।୨(ସୁଚିସ୍ମିତା ସାହୁ)

ଆଶାଏଁ ଟ୍ରଷ୍ଟର ଦ୍ୱାଦଶ ଶିଶୁ ମହୋତ୍ସବ ଶନିବାର କସ୍ତୁରବା ନାରୀ ମହଲଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ କଳା–ହସ୍ତଶିଳ୍ପ ପ୍ରଦର୍ଶନୀ, ସାଂସ୍କୃତିକ ପ୍ରଦର୍ଶନ, ସୃଜନଶୀଳ କର୍ମଶାଳା, କୌଶଳ ପ୍ରଦର୍ଶନ, ମନୋରଞ୍ଜନାତ୍ମକ କାର୍ଯ୍ୟକଳାପ, ଶିଶୁ ନେତୃତ୍ୱ ଆଲୋଚନା ଓ ଆନ୍ତଃ କ୍ରିୟାତ୍ମକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଶାଏଁର ବିଭିନ୍ନ କମ୍ୟୁନିଟି ସେଣ୍ଟର, ସରକାରୀ ବିଦ୍ୟାଳୟ ଓ ସହଯୋଗୀ ସଂସ୍ଥାରୁ ଶିଶୁମାନେ ଅଂଶଗ୍ରହଣକରି ପ୍ରତିଭା ପ୍ରଦର୍ଶନ କରିଥିଲେ। ଭୁବନେଶ୍ୱର ମେୟର ସୁଲୋଚନା ଦାସ ଶିଶୁ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଶିଳ୍ପ, କୌଶଳ ବିକାଶ ଓ ପ୍ରାଯୌକ୍ତିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଶିଶୁଙ୍କ ସ୍ମାର୍ଟ ସମାଧାନ ପ୍ରଦର୍ଶନୀର ଉଦ୍‌ଘାଟନ କରିଥିଲେ। ଓସୋପାର ଉପନିର୍ଦ୍ଦେଶକ ତନ୍ମୟ କୁମାର ବେହେରା, ଭୁବନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ ଯୋଗଦେଇ ବିଜେତାଙ୍କୁ ପୁରସ୍କାର ବିତରଣ କରିଥିଲେ। ଆଶାଏଁ ଅଧ୍ୟକ୍ଷ ରତ୍ନାକର ସାହୁ ବାର୍ଷିକ କାର୍ଯ୍ୟକ୍ରମ ବିବରଣୀ ରଖିଥିଲେ। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଓଲିଉଡ୍ ଅଭିନେତା ହରିହର ମହାପାତ୍ର, ପ୍ରସିଦ୍ଧ ଗାନ୍ଧୀବାଦୀ ପ୍ରହ୍ଲାଦ ସିଂହ, ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ସଂଗ୍ରାମ ପାଇକରାୟ, ପ୍ରଗତିବାଦୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ପ୍ରୋଗ୍ରାମ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।




କସ୍ତୁରବା ନାରୀ ମହଲଠାରେ ଆୟୋଜିତ ଆଶାଏଁ ଟ୍ରଷ୍ଟର ଦ୍ୱାଦଶ ଶିଶୁ ମହୋତ୍ସବରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

# ପଥରଗାଡ଼ିଆ ମହିମାନଗରରେ ପ୍ରତିବାଦ ଶୋଭାଯାତ୍ରା




ସିପିଆଇ ପକ୍ଷରୁ ଆୟୋଜନିତ ପ୍ରତିବାଦ ଶୋଭାଯାତ୍ରା।

ଭୁବନେଶ୍ୱର, ୧।୨(ବନ୍ଦନା ସେଠୀ)

ରାଜଧାନୀରେ ଆଇନ ଶୃଙ୍ଖଳା ବିଗିଡି ଯାଉଥିବା ଅଭିଯୋଗ ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଏବଂ ପଥରଗାଡ଼ିଆ–ମହିମାନଗର ଶାଖା ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିଖରଚଣ୍ଡି ଓ ଇନ୍‌ଫୋସିଟି ଥାନା ପାଖରୁ ଶୋଭାଯାତ୍ରା ବାହାରି ପଥରଗାଡ଼ିଆ–ମହିମାନଗର ପର୍ଯ୍ୟନ୍ତ ଯାଇଥିଲା। ପଥରଗାଡ଼ିଆ ମହିମାନଗରରେ ରହୁଥିବା ଅନୁସୂଚିତ ଜାତିର ଲୋକଙ୍କୁ ସେମାନଙ୍କ ଦଖଲ ଜମିର ପଟ୍ଟା ଯୋଗାଇଦେବା, ସେହି ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା, ମଦ, ଗଞ୍ଜେଇ, ନିଶା ପାଉଡ଼ର ମାଦକ ଦ୍ରବ୍ୟ ଆଦି ବନ୍ଦ କରାଇବା, ଟାଟା ପାୱାରର ମନମୁଖୀ କାରବାର ବନ୍ଦ କରିବା ଏବଂ ୩୦୦ ୟୁନିଟ୍ ବିଦ୍ୟୁତ୍ ପର୍ଯ୍ୟନ୍ତ ଛାଡ଼ କରିବା, ମନରେଗା ଯୋଜନାରୁ ମାହାତ୍ମାଗାନ୍ଧୀଙ୍କ ନାମ କାଟିବା ବନ୍ଦ କରି ପୁର୍ନବାର ମନରେଗା ସ୍କିମ୍ ପ୍ରଚଳନ କରିବା, ବିଧବା ଓ ବାର୍ଦ୍ଧକ୍ୟଭତ୍ତା ୫ହଜାର ଟଙ୍କାକୁ ବୃଦ୍ଧି କରିବା, ୪ ଶ୍ରମ କୋଡ୍ ବାତିଲ କରିବା ଆଦି ବିଭିନ୍ନ ଦାବି କରାଯାଇଥିଲା। ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁର ଜେନା ଏହାର ନେତୃତ୍ୱ ନେଇଥିବାବେଳେ ଭୁବନେଶ୍ୱର ଜୋନ ସହ–ସମ୍ପାଦକ ଶଙ୍କର୍ଷଣ ବାରିକ, ଶରତ ସ୍ୱାଇଁ, ଡାକ ହେମ୍ବ୍ରମ୍, ରଘୁନାଥ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଅରିନ୍ଦମ, ପ୍ରବୀର ମେମୋରିଆଲ କ୍ରିକେଟ ଚାମ୍ପିୟନଶିପ୍

## କ୍ରାଇମ୍ ରିପୋର୍ଟର, କମିଶନରେଟ ପୋଲିସ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍

ଭୁବନେଶ୍ୱର,୧।୨(ତ୍ରିନାଥ ମହାନ୍ତି)

ପୂର୍ବବର୍ଷ ଭଳି ଚଳିତ ବର୍ଷ ଅରିନ୍ଦମ ପ୍ରବୀର ମୋମୋରିଆଲ କ୍ରିକେଟ ଚାମ୍ପିୟନଶିପ୍ ରବିବାର ସ୍ଥାନୀୟ ରିଜର୍ଭ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଇଲେକ୍ଟ୍ରୋନିକ୍ସ ଓ ପ୍ରିଣ୍ଟ୍ ମିଡିଆର କ୍ରାଇମ ରିପୋର୍ଟର ଏବଂ ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ କ୍ୟାପ୍‌ଟେନଶିପ୍‌ରେ ପୋଲିସ ଏକାଦଶ 'ଏ' ଓ ଡିସିପି ହେଡକ୍ୱାର୍ଟର୍ସର ସୁରେଶ ପାତ୍ରଙ୍କ ନେତୃତ୍ୱରେ ପୋଲିସ ଏକାଦଶ 'ବି'ମଧ୍ୟରେ ଚାରୋଟି ମ୍ୟାଚ୍ ଖେଳାଯାଇଥିଲା। ଡିସିପି ଜଗମୋହନ ମୀନାଙ୍କ କ୍ୟାପଟେନଶିପ୍‌ରେ ପୋଲିସ ଏକାଦଶ 'ଏ' ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବା ସହ ୧୨ ଓଭରରେ ୧୯୬ ରନ୍ କରିଥିଲା। ଏହାର ଜବାବରେ ଇଲେକ୍ଟ୍ରୋନିକ୍ସ ମିଡିଆର ସାମ୍ବାଦିକମାନେ ୧୨ ଓଭରରେ ୧୬୬ ରନ୍ କରିଥିଲେ। ୩୨ ରନ୍‌ରେ ଇଲେକ୍ଟ୍ରୋନିକ୍ସ ମିଡିଆ ପରାସ୍ତ ହୋଇଥିଲା। ସେହିଭଳି ଡିସିପି ହେଡ୍‌କ୍ୱାର୍ଟର୍ସର ସୁରେଶ ପାତ୍ରଙ୍କ ନେତୃତ୍ୱରେ ପୋଲିସ ଏକାଦଶ 'ବି' ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୨୨୨ ରନ କରିଥିଲେ। ଏହାର ଜବାବରେ ପ୍ରିଣ୍ଟ ମିଡିଆର ସାମ୍ବାଦିକମାନେ ୧୨ ଓଭରରେ ୯ ଉଇକେଟ ହରାଇ ୧୧୪ ରନ କରିଥିଲେ। ଏକାଦଶ ପକ୍ଷରୁ ସଚିତ ରାଓ ଶତକୀୟ ଇନିଂସ ଖେଳିଥିଲେ। କମିଶନରେଟ ପୋଲିସର ଏକାଦଶ 'ବି' ଓ ଏକାଦଶ 'ଏ' ବିଜୟୀ ହୋଇଥିବାବେଳେ ଇଲୋକ୍ଟ୍ରୋନିକ୍ସ ଓ ପ୍ରିଣ୍ଟ ମିଡିଆ ସାମ୍ବାଦିକମାନେ ରନର୍ସ ଅପ୍ ହୋଇଥିଲେ। ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ, ଡିସିପି ଜଗମୋହନ ମୀନା ଓ କମିଶନରେଟ ପୋଲିସର ବରିଷ୍ଠ ପୋଲିସ ଅଧିକାରୀମାନେ ଯୋଗଦେଇଥିଲେ।



ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଶ୍ରାଦ୍ଧ ଦିବସରେ ରବିବାର ବିଧାନସଭା ପରିସରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ଅନ୍ୟମାନେ।

# ଓୟୁଟିଆର୍‌ରେ ଇଞ୍ଜିନିୟର୍ସ କପ୍

ଭୁବନେଶ୍ୱର, ୧।୨(ଅନୁରାଧା ମହାରଣା)

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ର ବାର୍ଷିକ କ୍ରୀଡା ମହୋତ୍ସବ 'ଇଞ୍ଜିନିୟର୍ସ କପ୍ ୨୦୨୬' ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଗେମ୍ସ ଆଣ୍ଡ ସ୍ପୋର୍ଟସ ସୋସାଇଟି ପକ୍ଷରୁ ଅନୁଷ୍ଠିତ ଏହି ଉତ୍ସବରେ ଛାତ୍ର କଲ୍ୟାଣ ଡିନ୍ ପ୍ରଫେସର ଜିବିତେଶ ମିଶ୍ର, ଏକାଡେମିକ ଆଫେୟାର୍ସ ଡିନ୍ ପ୍ରଫେସର ରଞ୍ଜନ କୁମାର ଜେନା, ଷ୍ଟୁଡେଣ୍ଟ ଆକ୍ଟିଭିଟି ପ୍ରେସିଡେଣ୍ଟ ପ୍ରଫେସର ଅଶ୍ୱିନୀ କୁମାର ଦାଶ ଏବଂ ଗେମ୍ସ ଆଣ୍ଡ ସ୍ପୋର୍ଟସର ଭିପି ପ୍ରଫେସର ଜିତେନ୍ଦ୍ର ନାଇକ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଆଥ୍‌ଲେଟ୍ ଅନୁରାଧା ବିଶ୍ୱାଳ ଯୋଗଦେଇ କହିଲେ, ଛାତ୍ରୀଛାତ୍ରମାନେ କ୍ରୀଡ଼ାରେ ନିରନ୍ତର ପରିଶ୍ରମ ଓ ଆତ୍ମବିଶ୍ୱାସ ରଖି ଆଗକୁ ବଢ଼ନ୍ତୁ। ଶିଷ୍ଟାଚାର ଓ ସମର୍ପଣ ମନୋଭାବ ହିଁ ଜଣେ ବ୍ୟକ୍ତିଙ୍କୁ ସର୍ବୋଚ୍ଚ ଶିଖରକୁ ନେଇଯାଏ। କ୍ରୀଡ଼ା ମାଧ୍ୟମରେ ଛାତ୍ରୀଛାତ୍ର ଜୀବନରେ ଶିଷ୍ଟାଚାର, ଧୈର୍ଯ୍ୟ ଓ ଆତ୍ମନିୟନ୍ତ୍ରଣ ଶିଖିପାରନ୍ତି ବୋଲି ସେ କହିଥିଲେ। ଉତ୍ସବରେ ରାଜ୍ୟ ତଥା ବାହାର ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି।

# ପ୍ରବାସୀ ଓଡ଼ିଆମାନେ ହେଉଛନ୍ତି ଓଡ଼ିଶାର 'ସାଂସ୍କୃତିକ ରାଷ୍ଟ୍ରଦୂତ'

## ଓଡ଼ିଶା ପର୍ବ ଉଦ୍‌ଯାପିତ

### ପର୍ଯ୍ୟଟନ କ୍ଷେତ୍ରରେ ନିବେଶ ପାଇଁ ଆଶା ସଞ୍ଚାର




ଓଡ଼ିଶା ପର୍ବ ଅବସରରେ ଆୟୋଜିତ ରୋଡ୍ ଶୋ'ରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଆସାମର ସ୍ୱାସ୍ଥ୍ୟ ମନ୍ତ୍ରୀ ଅଶୋକ ସିଂଘଲ।

ଭୁବନେଶ୍ୱର,୧।୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆସାମର ରାଜଧାନୀ ଗୁଆହାଟୀଠାରେ ଚାଲିଥିବା 'ଓଡ଼ିଶା ପର୍ବ' ରବିବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ଓଡ଼ିଶାର ଉପ–ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସମ୍ମାନିତ ଅତିଥି ଭାବେ ଆସାମର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଅଶୋକ ସିଂଘଲ, ଓଡ଼ିଶା ପର୍ଯ୍ୟଟନ ବିଭାଗର କମିଶନର ବଲୱନ୍ତ ସିଂ ଯୋଗଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ କହିଲେ, ପ୍ରବାସୀ ଓଡ଼ିଆମାନେ ହେଉଛନ୍ତି ଓଡ଼ିଶାର 'ସାଂସ୍କୃତିକ ରାଷ୍ଟ୍ରଦୂତ'। ରାଜ୍ୟ ବିକାଶ ପ୍ରକ୍ରିୟାରେ ସାମିଲ ହେବାକୁ ସେ ସେମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅନେକ ନିବେଶକ ଓଡ଼ିଶାର ପର୍ଯ୍ୟଟନ ଓ ଆତିଥ୍ୟ କ୍ଷେତ୍ରରେ ପୁଞ୍ଜି ନିବେଶ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଆସାମ ଏବଂ ଉତ୍ତର–ପୂର୍ବର ଟୁର୍ ଅପରେଟରଙ୍କ ସହ ଓଡ଼ିଶା ପର୍ଯ୍ୟଟନ ଅଧିକାରୀମାନେ ଯୋଗାଯୋଗ ଓ ମିଳିତ ପର୍ଯ୍ୟଟନ ପ୍ରୋତ୍ସାହନ ଉପରେ ଆଲୋଚନା କରିଥିଲେ। ପରେ କମିଶନର ସିଂଙ୍କ ନେତୃତ୍ୱରେ ଆୟୋଜିତ ରୋଡ–ଶୋ ମାଧ୍ୟମରେ ଓଡ଼ିଶାର ବିବିଧ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା। ଓଡ଼ିଶାର ସଂଶୋଧିତ ପର୍ଯ୍ୟଟନ ନୀତି, ଦୁଃଶାହସିକ ପର୍ଯ୍ୟଟନ ନୀତି ନିବେଶକ ଏବଂ ଟୁର୍ ଅପରେଟରଙ୍କ ମଧ୍ୟରେ ବିଶେଷ ଉତ୍ସାହ ସୃଷ୍ଟି କରିଥିଲା। ସନ୍ଧ୍ୟାରେ ଓଡ଼ିଶାର ଶାସ୍ତ୍ରୀୟ, ଲୋକ ଏବଂ ଆଦିବାସୀ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା। ପ୍ରଦର୍ଶନୀରେ ଓଡ଼ିଶାର କଳା, ହସ୍ତତନ୍ତ, ବୟନଶିଳ୍ପ ଏବଂ ସୁଆଦିଆ ବ୍ୟଞ୍ଜନକୁ ଲୋକମାନେ ଖୁବ୍ ପସନ୍ଦ କରିଥିଲେ। ଘୁମୁରା, ପାଇକ ଆଖଡ଼ା, ଓଡ଼ିଶୀ, ଗୋଟିପୁଅ, ସାହିଯାତ, ଢେମସା ଏବଂ ଝାଗେଡି ପରି ପାରମ୍ପରିକ ନୃତ୍ୟ ଓଡ଼ିଶାର ସମୃଦ୍ଧ ସଂସ୍କୃତିର ପରିଚୟ ପ୍ରଦାନ କରିଥିଲା।

केनरा बैंक Canara Bank
सिंडिकेट Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ଆକ୍ଟ ୫୪) (ଏହାପରେ ଆକ୍ଟ କୁହାଯିବ)ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ, ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିଗୁଡିକୁ **ଦଖଲ** କରିଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର ଭୁବନେଶ୍ୱର କଟକ ରୋଡ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଭୁବନେଶ୍ୱର କଟକ ରୋଡ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ଋଣଗ୍ରହୀତା: ମେସର୍ସ ଫୋଏନିକ୍ସ ଫିଲ୍ମ ଲାବ୍ସ ପ୍ରା.ଲିଃ.,** ଫ୍ଲାଟ୍ ନଂ.: ୪୬, ୨ୟ ମହଲା, ଇନ୍‌ଫୋସିଟି ରୋଡ୍, ପଟିଆ, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୪, **ନିର୍ଦ୍ଦେଶକମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ,** ପିତା: ୰ ରମାକାନ୍ତ ପଟ୍ଟନାୟକ, ହାଉସ ନଂ.: ୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା,** ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା,** ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ,** ପିତା: ୰ ରମାକାନ୍ତ ପଟ୍ଟନାୟକ, ହାଉସ୍ ନଂ.: | **କ) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଲକ୍ଷ୍ମୀସାଗର, ଥାନା ନଂ.: ୫୨, ଏସ୍‌ଆରଓ: ଭୁବନେଶ୍ୱର, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୩୦, ଲକ୍ଷ୍ମୀସାଗର-୧, ଖାତା ନଂ.: ୧୫୯୩/୩୪୦, ପ୍ଲଟ୍ ନଂ.: ୨୧୧୬, କ୍ଷେତ୍ର: ଏକର୦.୦୫୮ ଡିସିମିଲି, ଅନୁରୂପ ପ୍ଲଟ୍ ନଂ.: ୨୧୧୬, ଖାତା ନଂ.: ୧୦୭୫, କ୍ଷେତ୍ର ଏକର୦.୧୮୮ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୧୧୭ ଏବଂ ପ୍ଲଟ୍ ନଂ.: ୪୩୯୩(ଅଂଶ), ପଶ୍ଚିମ: ପ୍ଲଟ୍ ନଂ.: ୨୧୧୮ ଏବଂ ପ୍ଲଟ୍ ନଂ.: ୨୧୨୫(ଅଂଶ), ଉତ୍ତର: ରାସ୍ତା ଏବଂ ପ୍ଲଟ୍ ନଂ.: ୨୧୧୭, ଦକ୍ଷିଣ: ଏ ସମୁଖ ରାଓ, **CERSAI ID- 400022742250 / ଖ) ୦୬.୧୧.୨୦୨୫ / ଗ) ୩୧.୦୧.୨୦୨୬ / ଘ) ଟ.୨୦,୩୨,୩୭୨/- (କୋଡିଏ ଲକ୍ଷ ବତିଶ ହଜାର ତିନି ଶହ ବାସ୍ତରୀ ଟଙ୍କା ମାତ୍ର)** ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା,** ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା,** ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬, **୪) ଶ୍ରୀମତୀ ନମିତା ପଟ୍ଟନାୟକ,** ସ୍ୱାମୀ: ବିଜୟ କିଶୋର ବେହେରା, ଫ୍ଲାଟ୍ ନଂ.: ୨୯୪, ଫ୍ଲାଟ୍ ନଂ.: ୩୦୧, ତ୍ରିବିକ୍ରମ ଟେରାସ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬

**ସ୍ଥାନ: ଭୁବନେଶ୍ୱର, ତାରିଖ: ୩୧.୦୧.୨୦୨୬** | **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**

**ବିଦେଶୀ ମଦ ଜବତ, ମାଲିକ ଗିରଫ**

ସାଲେପୁର,(ଅରବିନ୍ଦ ଭୂୟାଁ): ସାଲେପୁର ଥାନା ଅଧୀନସ୍ଥ ଖରାଖିଆ ନିକଟସ୍ଥ ତାରା ଢାବାରେ ସାଲେପୁର ଆଦର୍ଶ ଥାନା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ପୋଲିସ ସେଠାରୁ ୨୪ ଲିଟର ଚୋରା ବିଦେଶୀ ମଦ ଜବତ କରିଛି। ଏଥିସହ ଢାବା ମାଲିକ ଅରୁଣ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ.୭୪/୨୬) ରୁଜୁ କରିଥିବା ଆଇଆଇସି ମହେଶ୍ୱର ବେହେରା ସୂଚନା ଦେଇଛନ୍ତି। ଆଇଆଇସି ବେହେରାଙ୍କ ନିର୍ଦ୍ଦେଶରେ ରବିବାର ପୋଲିସ ଖରାଖିଆ ନିକଟସ୍ଥ ତାର ଢାବା ଉପରେ ଚଢ଼ାଉ କରିଥିଲା। ଚୋରା ମଦ ବିକ୍ରୟ ପାଇଁ ଅଭିଯୋଗରେ ପୋଲିସ ଅରୁଣଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ପୁରାତନ ଛାତ୍ର ସଂସଦର ବାର୍ଷିକ ଅଧିବେଶନ

**ଆଠଗଡ଼,୧।୨(ସତ୍ୟ ପ୍ରସାଦ ରଥ):** ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟର ୧୯୯୨ରେ +୨ ବିଜ୍ଞାନ ପଢୁଥିବା ଛାତ୍ରୀଛାତ୍ରମାନଙ୍କର ବନ୍ଧୁମିଳନ ଏକ ଘରୋଇ ଫାର୍ମହାଉସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ର ଯୋଗଦେଇଥିଲେ। ସମାଜରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଥିବା ଛାତ୍ରମାନେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ଆସି ନିଜ କଲେଜ ଛାତ୍ରବେଳର ଅନେକ ପୁରୁଣା ସ୍ମୃତି ଉପରେ ଆଲୋଚନା କରିଥିଲେ। ବୈଠକ ପୂର୍ବରୁ ଛାତ୍ର ସମରେନ୍ଦ୍ର ଦାଶଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ବନ୍ଧୁମିଳନରେ ଯୋଗଦେଇଥିବା ସମସ୍ତଙ୍କୁ ଉପହାର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଆଶେଷ ସାହୁ, ଅରୁଣ ପଟ୍ଟନାୟକ, ସତ୍ୟବ୍ରତ ଦାସ, ଦେବାଶିଷ ସାମଲ ପ୍ରମୁଖ ସହଯୋଗ କରିଥିଲେ।

### ସି.କେ. ନାଇଡୁ ଟ୍ରଫି: ସୁଜଳଙ୍କ ଶତକ ; ଦୃଢ଼ ସ୍ଥିତିରେ ଓଡ଼ିଶା

**କଟକ,୧।୨(କୁମାରଶ୍ରୀ):** ଚଳିତ ସି.କେ. ନାଇଡୁ ଟ୍ରଫିର ଓଡ଼ିଶା ଏବଂ ରାଜସ୍ଥାନ ବିପକ୍ଷ ମ୍ୟାଚ୍ ଜୟପୁରର କେ.ଏଲ. ସଇନି ଷ୍ଟାଡିୟମରେ ଜାରି ରହିଛି। ରବିବାର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ରାଜସ୍ଥାନ ୩ ଉଇକେଟ ବିନିମୟରେ ୩୩ରନ ସଂଗ୍ରହ କରିଛି। ରାଜସ୍ଥାନକୁ ପ୍ରାରମ୍ଭିକ ଝଟକା ଦେଇଥିବା ଓଡ଼ିଶା ଦୃଢ଼ ସ୍ଥିତିରେ ପହଞ୍ଚିଛି। ସୋମବାର ପ୍ରଥମ ସେସନରେ ରାଜସ୍ଥାନକୁ ଅଲଆଉଟ୍ କରି ପାରିଲେ ଭ୍ରମଣକାରୀ ଓଡ଼ିଶାକୁ ଚଳିତ ସିଜନର ୩ୟ ବିଜୟ ପଏଣ୍ଟ ମିଳିବ। ଏଠାରେ ଟସ୍ ହାରି ବ୍ୟାଟିଂ ନିମନ୍ତ୍ରଣ ପାଇଥିବା ରାଜସ୍ଥାନ ପ୍ରଥମ ଇନିଂସରେ ୩୫୫ରନ ସଂଗ୍ରହ କରିଥିଲା। ଜବାବରେ ସୁଜଳ ସିଂହଙ୍କ ଶତକୀୟ ପାଳି(୧୬୨ବଲରୁ ୧୦୦ରନ)ବଳରେ ଓଡ଼ିଶା ୩୪୬ରନରେ ସୀମିତ ରହିଥିଲା।

### ଜଗନ୍ନାଥ ମୁଦୁଲିଙ୍କ ବିୟୋଗରେ ସ୍ମୃତିସଭା

**ତାଳବସ୍ତ,୧।୨(ସୁବ୍ରତ ନାୟକ):** ବାଙ୍କୀ ନିର୍ବାଚନ ମଣ୍ଡଳୀର ବୟୋଜ୍ୟେଷ୍ଠ ନାଗରିକ ତାଳବସ୍ତ ଗ୍ରାମର ଜଗନ୍ନାଥ ମୁଦୁଲିଙ୍କ ସ୍ମୃତିରେ ତାଳବସ୍ତ ବାଳକ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଯୁବ ସାମାଜିକ କର୍ମୀ ଅକ୍ଷୟ କୁମାର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି ସ୍ମୃତିଚାରଣ ସଭାରେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ତାଳବସ୍ତର ପୂର୍ବତନ ସରପଞ୍ଚ ଦୀନବନ୍ଧୁ ସାହୁ, ସଞ୍ଜୟ କୁମାର ମହାରଣା ମହାରଣା, ରଗଡି ପଞ୍ଚାୟତ ସମିତିସଭ୍ୟ ଭାଗିରଥି ପାଣି, ସରପଞ୍ଚ ନାରଣ କୁମାର, କୁସୁପଙ୍ଗି ସରପଞ୍ଚ ନରେଶ ବେଉରା, ଅରପୁର ଗ୍ରାମର ସାମାଜିକ କର୍ମୀ ସୁଧାଂଶୁ ଶେଖର ନାୟକ, ୩୮ ନଂ.ଜୋନ ଜିଲା ପରିଷଦ ସଭ୍ୟ ଆଶିଷ କୁମାର ସାହୁ, ମାଟିପାତ୍ର ଶିଳ୍ପୀ ଲକ୍ଷ୍ମୀଧର ମୁଦୁଲି, ବାଙ୍କୀ ପ୍ରେସ କ୍ଲବ ବରିଷ୍ଠ ଖବରଦାତା ସମରେନ୍ଦ୍ର ମହାପାତ୍ର, ବାଙ୍କୀ ସମବାୟ ବ୍ୟାଙ୍କର ସଭାପତି ସୁବାସଚନ୍ଦ୍ର ପାଢ଼ୀ, ଡମପଡା ବ୍ଲକ ପୂର୍ବତନ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପାତ୍ର ପ୍ରମୁଖ ଯୋଗଦେଇ ଜଗନ୍ନାଥ ମୁଦୁଲିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଶେଷରେ ରବୀନ୍ଦ୍ର କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରକ୍ତନମୁନା ପରୀକ୍ଷା ପାଇଁ ହଟହଟା ଅଭିଭାବକ

## ଶିଶୁଭବନ




**କଟକ,୧।୨(ଶିଲ୍ପା ପ୍ରିୟଦର୍ଶିନୀ)**

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର (ଶିଶୁଭବନ)ରେ ଛୁଟିଦିନରେ ହଟହଟା ହେଉଛନ୍ତି ଶିଶୁରୋଗୀଙ୍କ ଅଭିଭାବକ। ବିଶେଷକରି ଶନିବାର ଓ ରବିବାରରେ କର୍ମଚାରୀମାନେ କାର୍ଯ୍ୟରେ ଅବହେଳା କରୁଥିବା ସାମ୍ନାକୁ ଆସିଛି। ଛୁଟିଦିନ ଥିବାରୁ ମେଡିକାଲକୁ ଆସିଥିବା ଶିଶୁରୋଗୀଙ୍କ ରକ୍ତ ନମୁନା ଗ୍ରହଣ କରିବାକୁ କର୍ମଚାରୀ ମନା କରିଦେଉଛନ୍ତି। ଏହାସହ ଛୁଟିଦିନର ବିଭିନ୍ନ ଆଳ ଦେଖାଇ ରିପୋର୍ଟ ମଧ୍ୟ ମିଳି ପାରିବନି, ଅପେକ୍ଷା କରିବାକୁ କହି ହାତଝାଡ଼ି ଦେଉଛନ୍ତି କର୍ମଚାରୀ। ଫଳରେ ଶିଶୁ ରୋଗୀଙ୍କ ଅଭିଭାବକ ରକ୍ତ ନମୁନା ଧରି ଏଣେତେଣେ ବୁଲୁଥିବା ଘଟଣା ସାମ୍ନାକୁ ଆସିଛି।

ସୂଚନା ଅନୁଯାୟୀ, ନୟାଗଡ଼ ଅଞ୍ଚଳର ୫ବର୍ଷର ଶିଶୁ ସୌମ୍ୟରଞ୍ଜନ ନାୟକ ମୁଣ୍ଡରେ ଯନ୍ତ୍ରଣା ଓ ଅନ୍ୟାନ୍ୟ ସମସ୍ୟା ଥିବାରୁ ଶିଶୁଭବନର ଭେଷଜ ବିଭାଗକୁ ଚିକିତ୍ସା ପାଇଁ ଆସିଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶ ମୁତାବକ ସିବିସି ରକ୍ତ ପରୀକ୍ଷା କରାଇବାକୁ କୁହାଯାଇଥିଲା। ହେଲେ ସୌମ୍ୟଙ୍କ ବାପା ବସନ୍ତ ରକ୍ତ ନମୁନା ଧରି ଶନିବାର ମେଡିକାଲରେ ଥିବା ନମୁନା ସଂଗ୍ରହ କେନ୍ଦ୍ରକୁ ଯାଇଥିଲେ। ହେଲେ ସେଠାରେ ଥିବା କର୍ମଚାରୀ ନମୁନା ଗ୍ରହଣ କରିବାକୁ ମନା କରିଥିଲେ। ଏପରିକି ସୋମବାର ନମୁନା ଦେବାକୁ କହିଥିଲେ। ହେଲେ ଏନେଇ ବସନ୍ତ ପଚରାଉଚରା କରିବାରୁ କିଛିସମୟ ପରେ କର୍ମଚାରୀମାନେ ନମୁନା ସଂଗ୍ରହ କରିଥିଲେ। ହେଲେ ରିପୋର୍ଟ ବିଳମ୍ବରେ ମିଳିବ ବୋଲି କହିଥିଲେ। ଏପରିକି ରବିବାର ଅପରାହ୍ଣ ପର୍ଯ୍ୟନ୍ତ ରକ୍ତ ନମୁନାର ରିପୋର୍ଟ ଦିଆଯାଇ ନ ଥିବା ବସନ୍ତ କହିଛନ୍ତି। ତେବେ ମେଡିକାଲରେ ରକ୍ତନମୁନା ସଂଗ୍ରହ କରିବାର ଦୁଇରୁ ତିନି ଘଣ୍ଟାରେ ରିପୋର୍ଟ ଦିଆଯିବାକୁ ନିୟମ ଥିବାବେଳେ ଶିଶୁରୋଗୀଙ୍କ ଅଭିଭାବକଙ୍କୁ ଏଭଳି ହଟହଟା କରିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏସମ୍ପର୍କରେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର କହିଛନ୍ତି, ଏଭଳି ଅଭିଯୋଗ ଆସିନି, ଯଦିଓ ଏଭଳି କିଛି ଘଟଣା ହୋଇଥିବ ସେନେଇ ପଚରାଉଚରା କରାଯିବ। ଅନ୍ୟପଟେ ଏଭଳି ସମସ୍ୟା ହୁଏତ କର୍ମଚାରୀ ଅଭାବରୁ ହୋଇଥାଇପାରେ। ସରକାର କର୍ମଚାରୀ ସଂଖ୍ୟା ବଢ଼ାଇଛନ୍ତି, ହେଲେ ନିଯୁକ୍ତି ଏବେ ଯାଏ ମିଳିପାରିନାହିଁ ବୋଲି ସେ କହିଛନ୍ତି।

# କ୍ୱାନ-କି-ଡୋ ପ୍ରତିଯୋଗିତା : ୨୫ଙ୍କୁ ସ୍ୱର୍ଣ୍ଣ




ପଦକ ପାଇଥିବା କ୍ରୀଡ଼ାବିତ୍‌ମାନେ।

**ଆଠଗଡ଼,୧।୨(ସତ୍ୟ ପ୍ରସାଦ ରଥ):**

## ଯୋଗଦେଲେ ୫୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍

କଟକ ଜିଲା କ୍ୱାନ-କି-ଡୋ ଆସୋସିଏଶନ ଆଠଗଡ଼ ଆନୁକୂଲ୍ୟରେ ଏନ୍‌ଏସି କାର୍ଯ୍ୟାଳୟ ନିକଟସ୍ଥ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଆଠଗଡ଼ ମାର୍ଶାଲ ଆର୍ଟ ଏକାଡେମୀ ସହାୟତାରେ ୩ୟ କ୍ୱାନ-କି-ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଅଞ୍ଚଳର ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ବିଭିନ୍ନ ବର୍ଗରୁ ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରାରମ୍ଭରେ ଆସୋସିଏଶନ ସଭାପତି ରୁଦ୍ର ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଅବସରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏହି ପ୍ରତିଯୋଗିତାରେ ୨୫ଜଣ ପ୍ରତିଯୋଗୀଙ୍କୁ ସ୍ୱର୍ଣ୍ଣ,୧୫ଜଣଙ୍କୁ ରୌପ୍ୟ ଓ ୧୦ଜଣଙ୍କୁ କାଂସ୍ୟ ପଦକ ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ସଂସଦର ସମ୍ପାଦକ ଶ୍ୟାମାନନ୍ଦ ମହାରଣା, ଆସୋସିଏଶନର ସମ୍ପାଦକ ବଦ୍ରି ନାରାୟଣ ବାହିନୀପତି ପ୍ରମୁଖ ଯୋଗଦେଇ କୃତୀ କ୍ରୀଡ଼ାବିତମାନଙ୍କୁପଦକବଣ୍ଟନକରିଉତ୍ସାହିତ କରିଥିଲେ। ଆଠଗଡ଼ କ୍ୱାନ-କି-ଡୋ ଆସୋସିଏଶନ କୋଷାଧ୍ୟକ୍ଷ ଶ୍ୟାମପ୍ରସାଦ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସୋସିଏଶନ ସଭ୍ୟ ଚନ୍ଦନ ପ୍ରସାଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଭେଦଭାବ ନ ରଖି ଏକଜୁଟ ହେବାକୁ ଆହ୍ୱାନ




ବାଙ୍କୀରେ ଆୟୋଜିତ ହିନ୍ଦୁ ସମ୍ମିଳନୀ ଉପଲକ୍ଷେ ବାହାରିଥିବା ଶୋଭାଯାତ୍ରା।

**ବଡମ୍ବା/ବାଙ୍କୀ,୧।୨(ମାୟାଧର ମଲ୍ଲିକ/ଶୁଭେନ୍ଦୁ ମହାପାତ୍ର):**

## ବଡ଼ମ୍ବା ମଣ୍ଡଳରେ ହିନ୍ଦୁ ସମ୍ମିଳନୀ

ବଡ଼ମ୍ବା ସଦର ମହକୁମା ରାଜବାଟୀସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ବଡ଼ମ୍ବା ମଣ୍ଡଳ(ବଡମ୍ବା, କୋଲେଶ୍ୱର ଓ ଗଡ଼ାପୋଖରୀ ଗ୍ରା.ପ)ରେ ରବିବାର ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ହିନ୍ଦୁ ସମ୍ମିଳନୀ ସଂଯୋଜକ ଶିକ୍ଷକ ରମେଶ ଚନ୍ଦ୍ର ବେହେରାଙ୍କ ସଂଯୋଜନା ଏବଂ ବଡ଼ମ୍ବା ବିକାଶ ପରିଷଦ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଚୈତନ୍ୟ ସାହୁ, ମୁଖ୍ୟବକ୍ତାଭାବେ ପବିତ୍ର ମୋହନ ଦାସ ଓ ବିଶିଷ୍ଟ ଅତିଥିଭାବେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ପ୍ରମୁଖ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ନରସିଂହପୁର ବ୍ରହ୍ମା କୁମାରୀ ଅନୁପମା, ସାଧୁ ଟୁଲୁ ଦାସ ମହାରାଜ(ଜାରା), ବିପିନ ବିହାରୀ ମହାନ୍ତି, ରଘୁପତି ମହାନ୍ତି, ବିଭୁଦତ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତଥିଲେ। ଏହି ଅବସରରେ ବକ୍ତାମାନେ ଗ୍ରାମାଞ୍ଚଳରେ ଜାତିଆଣ ଭେଦଭାବ ରହିଥିବାରୁ କ୍ଷୋଭ ପ୍ରକାଶ କରିବା ସହିତ ସମସ୍ତେ ଏକଜୁଟ ହୋଇ ରହିବା ପାଇଁ ଆହ୍ୱାନ ଦେଇଥିଲେ। ପାଖାପାଖି ୧୦୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଉକ୍ତ ହିନ୍ଦୁ ସମ୍ମିଳନୀରେ ଯୋଗଦେଇଥିଲେ।

ସେହିପରି ବାଙ୍କୀ ଟାଉନ ହଲଠାରେ ବିଶାଳ ଯଜ୍ଞ ଓ ହନୁମାନ ଚାଳିଶା, ଧର୍ମସଭାର ଆୟୋଜନ ହୋଇଛି। ସଂଗଠିତ ହିନ୍ଦୁ ସମର୍ଥ ଭାରତ, ଏକ ରାଷ୍ଟ୍ର ଏକ ଧର୍ମ ଏକ ସଂସ୍କୃତି, ଏକ ସୂତ୍ରରେ ସମଗ୍ର ହିନ୍ଦୁ ସମାଜକୁ ବାନ୍ଧି ରଖିବାର ପ୍ରୟାସ କରାଯାଇଛି। ଏଥିରେ ସମସ୍ତ ସନାତନପ୍ରେମୀ ଓ ୧୮ଟି ସଂକୀର୍ତ୍ତନ ଦଳ ବାଙ୍କୀର ମା' ଚର୍ଚ୍ଚିକା ଠାକୁରାଣୀ ପୀଠରୁ ଆଜ୍ଞାମାଳ ଆଣି ସମଗ୍ର ବାଙ୍କୀ ନଗର ପରିକ୍ରମା କରି ବାଙ୍କୀ ଟାଉନହଲ ନିକଟରେ ପହଞ୍ଚିଥିଲା। ଏହି ଅବସରରେ ସକାଳ ୭ଟାରୁ ହନୁମାନ ଚାଳିଶା ପାଠ କରାଯାଇଥିଲା। ପରେ ସଂସ୍କୃତିକ କାର୍ଯ୍ୟକ୍ରମ ଓ ଓଡ଼ିଶୀ ନୃତ୍ୟ ଯୋଗ ମାଧ୍ୟମରେ ବିଭିନ୍ନ ପ୍ରଦର୍ଶନ କରାଯାଇଥିଲା। ପୂର୍ବାହ୍ଣ ୧୧ଟାରେ ତାପସ କୁମାର ଦାସଙ୍କ ଦ୍ୱାରା ଅତିଥି ପରିଚୟ କରାଯାଇ ବିଶାଳ ହିନ୍ଦୁସମ୍ମିଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କଣ ବିଭିନ୍ନ ପଦାଧିକାରୀଙ୍କ ଦ୍ୱାରା ମାର୍ଗଦର୍ଶନ କରାଯାଇଥିଲା।

# ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବାଙ୍କୀ,୧।୨(ଶୁଭେନ୍ଦୁ ମହାପାତ୍ର):** ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁଲଣାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିସରରେ ପ୍ରଧାନ ଶିକ୍ଷକ ଦିଲ୍ଲିପ କୁମାର ମହାପାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ବନମାଳୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବାଙ୍କୀ-ଡମପଡ଼ା ଶିକ୍ଷା ମଣ୍ଡଳର ଅତିରିକ୍ତ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ ସାଧନା ସଂଯୋଜକ ଦିଲ୍ଲୀପ କୁମାର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବେହେରା, ଦୁଲଣାପୁର ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ସନାତନ ରଣା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ମହାପାତ୍ର ଜଣେ ଛାତ୍ର ବତ୍ସଳ, ଆଦର୍ଶ, କର୍ତ୍ତବ୍ୟ ନିଷ୍ଠ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସହକାରୀ ଶିକ୍ଷକ ତ୍ରିଲୋଚନ ନାୟକ, ନିମେଇଁ ଚରଣ ସାହୁ, ବିଜୟଲକ୍ଷ୍ମୀ ପରିଡ଼ା, ସଞ୍ଜୀବ କୁମାର ନାୟକ, ମନୋରମା ସାହୁ, ପ୍ରେମଲତା ଲେଙ୍କା, ପ୍ରମିଳା ମହାପାତ୍ର, ତପସ୍ୱିନୀ ମୁର୍ମୁଙ୍କ ସମେତ ବିଦ୍ୟାଳୟର ଶତାଧିକ ପୂର୍ବତନ ଛାତ୍ରୀଛାତ୍ର ଦୁଲଣାପୁର ଗ୍ରାମବାସୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶଶଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ



## ଶ୍ରୀରାମ ବିଷ୍ଣୁ ମହାଯଜ୍ଞ

**ସାଲେପୁର,୧।୨(ଅରବିନ୍ଦ ଭୂୟାଁ):** ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତ ରାଘବପୁରସ୍ଥ ହନୁମାନ ମନ୍ଦିର ପରିସରରେ ୪୯ତମ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ଦ୍ୱାବିଂଶ ତମ ବାର୍ଷିକ ଶ୍ରୀରାମ ବିଷ୍ଣୁ ମହାଯଜ୍ଞ ରବିବାର ଅନୁଷ୍ଠିତ ହୋଇଯାଇଛି। ନବାହ୍ନ ପାରାୟଣରେ ବ୍ୟାଶ ରୂପେ ରବି ନାରାୟଣ ଦାଶ ଏବଂ ଧାରକମାନେ ଶ୍ରୀରାମ ଚରିତ ମାନସ ପାଠ କରିଥିଲେ। ଅବତନ ଷଡଙ୍ଗୀଙ୍କ ନେତୃତ୍ୱରେ ପଣ୍ଡିତମାନେ ୫ ଦିନ ଧରି ଯଜ୍ଞ କାର୍ଯ୍ୟ କରିଥିଲେ। ଏଥିରେ କର୍ତ୍ତା ରୂପେ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ଏବଂ କର୍ତ୍ତ୍ରି ରୂପେ ସଂଯୁକ୍ତା ଆଚାର୍ଯ୍ୟ କାର୍ଯ୍ୟ ସମ୍ପାଦନ କରିଥିଲେ। ଚଳିତ ବର୍ଷ ପ୍ରତ୍ୟେକ ଦିନ ମଧ୍ୟାହ୍ନରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସମ୍ପାଦକ ରଜନୀ କାନ୍ତ ଦାଶ, କୋଷାଧ୍ୟକ୍ଷ ମୀନକେତନ ଖୁଣ୍ଟିଆ, ଭାରତ ଭୂଷଣ ଦାସ, ପୁଲକ କୁମାର ଦାଶ, ଶିଶିର କୁମାର ଦାଶ, ରବୀନ୍ଦ୍ର ନାଥ ହୋତା, ଭବାନୀ ଶଙ୍କର ଦାଶ, ସୌମ୍ୟ ରଞ୍ଜନ ଦାଶ, ମଧୁସୂଦନ ନାୟକ, ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜରାନିବାସ ପରିଦର୍ଶନ କଲେ ଏମ୍‌ପି

**ଚୌଦ୍ୱାର,୧।୨(ଆଶୁତୋଷ ଦାସ)**

କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଆଗ୍ରାହାଟ ପଞ୍ଚାୟତ ମଙ୍ଗଳପୁରସ୍ଥିତ ଜରାଯନ୍ ନିବାସ ପରିଦର୍ଶନ କରିଥିଲେ। ଏମ୍‌ପି ମହତାବ ନିବାସର ବରିଷ୍ଠ ଅନ୍ତେବାସୀମାନଙ୍କ ସହିତ ଭାବର ଆଦାନପ୍ରଦାନ କରିବା ସହ ସୋମାନଙ୍କୁ ନୂତନ ବସ୍ତ୍ର ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏଥି ସହିତ ନିବାସ ଭିତରେ ନୂତନ ଭାବେ ନିର୍ମିତ ବାସଗୃହ ଗୁଡ଼ିକୁ ବୁଲି ଦେଖିବା ପରେ ସେ ସନ୍ତୋଷବ୍ୟକ୍ତ କରିଥିଲେ। ନିବାସରେ ରହୁଥିବା ଅନ୍ତେବାସୀମାନଙ୍କ ଚିକିତ୍ସା ପାଇଁ ଏକ ଡାକ୍ତରଖାନା ନିର୍ମାଣର ପ୍ରୟାସ କରାଯାଉଥିବା ଅନୁଷ୍ଠାନର ମୁଖ୍ୟ ଶିବ ନାରାୟଣ ପଣ୍ଡା ଏମ୍‌ପିଙ୍କୁ ସୂଚନା ପ୍ରଦାନ କରି ଏଥିପାଇଁ ତାଙ୍କ ସହଯୋଗ କାମନା କରିଥିଲେ। ଏହି ଦିବସ ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ପ୍ରକାଶ କରି ଅନୁଷ୍ଠାନକୁ ସବୁ ପ୍ରକାର ସହଯୋଗ କରାଯିବ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଥିଲେ। ପୂର୍ବତନ ବିଧାୟକ ତଥା ଅନୁଷ୍ଠାନର ଉପଦେଷ୍ଟା ଧର୍ମାନନ୍ଦ ବେହେରା ଓ ଲୋକପ୍ରତିନିଧି ଅଭୟ କୁମାର ବାରିକ ପ୍ରମୁଖ ଯୋଗଦେଇଥିଲେ। ଡ. ଅବନ୍ତିକା କର, ଡ. ସ୍ୱାତି ପଟ୍ଟନାୟକ, ମୋନାଲିସା ପାଢ଼ୀ ଏବଂ ସ୍ୱୟଂ ନାରାୟଣ ପଣ୍ଡା ପ୍ରମୁଖ ଏମ୍‌ପିଙ୍କୁ ସ୍ୱାଗତ କରିବା ସହିତ ଜରାନିବାସ ବୁଲାଇ ଦେଖାଇଥିଲେ।

# ପ୍ରକାଶ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ: ବାରଦା ଟିମ୍ ଚାମ୍ପିୟନ

**କଟକ ସଦର,୧।୨ (ସୁଶାନ୍ତ କୁମାର ଜେନା)**



କଟକ ସଦର ବ୍ଲକ ଅନ୍ତର୍ଗତ ଦିଘିସ୍ଥିତ ବାପୁଜୀ କ୍ଲବ ଆନୁକୂଲ୍ୟରେ ଏକଦିବସୀୟ ପ୍ରକାଶ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧ ଗୋଲରେ ବାରଦା ଦଳ ଚାମ୍ପିୟନ ହୋଇଥିବା ବେଳେ ଆୟଉପୁର ଶାସନ ଦଳ ରନରଅପ୍ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଯୋଗଦେଇଥିଲେ। ବିଜୟୀ ଦଳକୁ କପ୍ ସହ ୨୦ ହଜାର ଓ ରନରଅପ୍ ଦଳକୁ କପ୍ ସହ ୧୫ ହଜାର ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ସଭାପତି ପ୍ରଶାନ୍ତ କୁମାର ଦାସ, ସମ୍ପାଦକ ମନୋରଞ୍ଜନ ଦାସ, ନିମେଇସାପୁର ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ରାଉତରାୟ, ଫକୀରପଡ଼ା ସରପଞ୍ଚ ମିଲି ସେଠୀ, ଗତିରାଉତପାଟଣା ସରପଞ୍ଚ ସୋନାଲି ପ୍ରଧାନ, ଭାଜପା ଜିଲା ଉପସଭାପତି ସୁରେଶ ଚନ୍ଦ୍ର ଜେନା, ମଣ୍ଡଳ ସଭାପତି ନିରଞ୍ଜନ ରାଉଳ, ସୁବୋଧ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। କୋଚ ଚିତ୍ତରଞ୍ଜନ ଦାସ, ସୌମ୍ୟରଞ୍ଜନ ମହାନ୍ତି, ତପନ କୁମାର ମହାନ୍ତି, ଚନ୍ଦ୍ରଶେଖର ମହାନ୍ତି, ଘୋଷକ ସାୟେଦ ଆଜାଦ ରାଜାଜି ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଉପ-କାରାଗାରରେ ବିଚାରାଧୀନ କଏଦୀଙ୍କୁ ନିର୍ଯାତନା

- କାର୍ଯ୍ୟରତ ୱାର୍ଡରଙ୍କୁ ମିଳୁଛି ମୋଡାଘଷା ସେବା
- ନିମ୍ନମାନର ଖାଦ୍ୟକୁ ବିରୋଧ କଲେ ମାଡ଼
- ପୋଲିସ ମହାନିର୍ଦ୍ଦେଶକଙ୍କୁ ଲିଖିତ ଅଭିଯୋଗ

**ସାଲେପୁର,୧।୨(ଅରବିନ୍ଦ ଭୂୟାଁ):**

ସାଲେପୁର ଉପ-କାରାଗାରରେ ବିଚାରାଧୀନ କଏଦୀମାନଙ୍କୁ ବିଭିନ୍ନ ସମୟରେ ମାରଧର କରାଯିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଛି ବୋଲି ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ ହୋଇଛି। ସରକାରଙ୍କ ପକ୍ଷରୁ ବିଚାରାଧୀନ କଏଦୀମାନଙ୍କ ପାଇଁ ବ୍ୟାପକ ଅର୍ଥ ଖର୍ଚ୍ଚ କରାଯାଉଛି। ଏହାସତ୍ତ୍ୱେ ବିଚାରାଧୀନ କଏଦୀମାନଙ୍କୁ ନିମ୍ନମାନର ଖାଦ୍ୟ ଯୋଗାଇ ଦିଆଯାଉଛି। ଯେଉଁ କଏଦୀମାନେ ଏହାର ପ୍ରତିବାଦ କରୁଛନ୍ତି ସେମାନଙ୍କୁ ଜେଲ୍


19 JAN 2026

To
The DG of Prisons, Odisha

1) Abhijit Maharana (Warder)
2) Dillip Pradhan(Warder)
3) Dujyodhana Mallik (Warder)
4) Indrajit Behera (Warder)

ଅଭିଯୋଗପତ୍ର

କର୍ମଚାରୀମାନେ ମାଡ଼ ମାରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଅଞ୍ଚଳର ହେମନ୍ତ କୁମାର ଆଚାର୍ଯ୍ୟଙ୍କ ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ, ସେ ଏକ ମାମଲାରେ ଅଭିଯୁକ୍ତ ହୋଇ ସାଲେପୁର ଉପ-କାରାଗାରରେ ଥିଲାବେଳେ ଜେଲର କର୍ମଚାରୀମାନଙ୍କ ଦ୍ୱାରା ନିର୍ଯାତନାର ଶୀକାର ହୋଇଛନ୍ତି। ଜାମିନ ଆସିବା ପରେ ସେ ଏସମ୍ପର୍କରେ ଅଭିଯୋଗ କରିଛନ୍ତି।

ତାଙ୍କ ଅଭିଯୋଗ ଅନୁଯାୟୀ, ଉପକାରାଗାରରେ ଥିଲାବେଳେ ତାଙ୍କୁ ଓ ବିଚାରାଧୀନ ଥିବା ଅନ୍ୟ କଏଦୀମାନଙ୍କୁ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଏପରିକି ୱାର୍ଡରମାନେ କାର୍ଯ୍ୟରତ ସମୟରେ କଏଦୀମାନଙ୍କଠାରୁ ମୋଡ଼ାଘଷା ସେବା ନେଇଥାନ୍ତି। ଯେଉଁ କଏଦୀମାନେ ଏହାର ବିରୋଧ କରୁଛନ୍ତି, ସେମାନଙ୍କୁ ବିଭିନ୍ନ ପ୍ରକାର ନିର୍ଯାତନା ଦିଆଯାଏ। ସେହିପରି ଜେଲରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ବେଳେ ଯଦି କେହି କଏଦୀ ଦ୍ୱିତୀୟଥର ରୁଟି କିମ୍ବା ଭାତ ମାଗନ୍ତି ତାଙ୍କୁ ମାଡ଼ ଦିଆଯାଏ। ଜେଲ ପରିସର ମେଡିକାଲରେ କାର୍ଯ୍ୟରତ ଥିବା ଫାର୍ମାସିଷ୍ଟ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ଔଷଧ କଏଦୀମାନଙ୍କୁ ନ ଦେଇ ବାହାରୁ କିଣିବାକୁ ପରାମର୍ଶ ଦିଆଯାଏ। ଯଦି କେହି କଏଦୀ ଏହାକୁ ବିରୋଧ କରନ୍ତି ତେବେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯାଉଛି। ସେହିପରି ଉପ-କାରାଗାରରେ ଥିବା ଜେଲର ଅଧିକାଂଶ ସମୟ ଅଫିସରେ ନ ରହି କ୍ୱାର୍ଟର୍ସରେ ରହୁଛନ୍ତି। ଜେଲ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଜେଲରେ ଲଗାଯାଇଥିବା ସିସିଟିଭି ଯାଞ୍ଚ କଲେ କଏଦୀମାନଙ୍କ ଉପରେ ହେଉଥିବା ନିର୍ଯାତନାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରାଯାଇଛି।

ଏ ସମ୍ପର୍କରେ ସାଲେପୁର ଉପ-କାରାଗାରର ଅଧିକାରିଣୀ ରଶ୍ମିପ୍ରଭା ରାୟଙ୍କୁ ପଚାରିବାରେ ସେ ଅଭିଯୋଗକୁ ଖଣ୍ଡନ କରିବା ସହ କହିଛନ୍ତି, ଯେଉଁମାନେ ଏଠାରେ କଏଦୀ ଥିଲେ, ସେମାନେ ବାହାରିବା ପରେ ସମ୍ପର୍କ ଯୋଡ଼ିଥିବା କଏଦୀମାନଙ୍କୁ ଭେଟ କରିବାକୁ ଆସୁଥିବାରୁ ଆମେ ସେମାନଙ୍କୁ ବାରଣ କରିଥିଲୁ। ଏହି ସମସ୍ୟା ନେଇ ସେମାନେ ଆମ ବିରୋଧରେ ମିଥ୍ୟା ଆରୋପ ଲଗାଇଛନ୍ତି।


केनरा बैंक Canara Bank — ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ଆକ୍ଟ ୫୪) (ଏହାପରେ ଆକ୍ଟ କୁହାଯିବ)ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଯେହେତୁ, ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ **ଦଖଲ** କରିଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର ଭୁବନେଶ୍ୱର କଟକ ରୋଡ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଭୁବନେଶ୍ୱର କଟକ ରୋଡ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡ଼ିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ଋଣଗ୍ରହୀତା: ମେସର୍ସ ଫୋଏନିକ୍ସ ଫିଲ୍ମ ଲାବ୍ସ ପ୍ରା.ଲିଃ.,** ପ୍ଲଟ୍ ନଂ.: ୪୬, ୨ୟ ମହଲା, ଇନ୍‌ଫୋସିଟି ରୋଡ୍, ପଟିଆ, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୪, **ନିର୍ଦ୍ଦେଶକମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ,** ପିତା: ୰ ରମାକାନ୍ତ ପଟ୍ଟନାୟକ, ହାଉସ ନଂ.: ୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା,** ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା,** ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ,** ପିତା: ୰ ରମାକାନ୍ତ ପଟ୍ଟନାୟକ, ହାଉସ୍ ନଂ.: | କ) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଲକ୍ଷ୍ମୀସାଗର, ଥାନା ନଂ.: ୫୨, ଏସ୍‌ଆରଓ: ଭୁବନେଶ୍ୱର, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୩୦, ଲକ୍ଷ୍ମୀସାଗର-୧, ଖାତା ନଂ.: ୧୫୯୩/୩୪୦, ପ୍ଲଟ୍ ନଂ.: ୨୧୧୬, କ୍ଷେତ୍ର: ଏକର୦.୦୫୮ ଡିସିମିଲି, ଅନୁରୂପ ପ୍ଲଟ୍ ନଂ.: ୨୧୧୬, ଖାତା ନଂ.: ୧୦୭୫, କ୍ଷେତ୍ର ଏକର୦.୧୮୮ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୧୧୭ ଏବଂ ପ୍ଲଟ୍ ନଂ.: ୪୩୯୩(ଅଂଶ), ପଶ୍ଚିମ: ପ୍ଲଟ୍ ନଂ.: ୨୧୧୮ ଏବଂ ପ୍ଲଟ୍ ନଂ.: ୨୧୨୫(ଅଂଶ), ଉତ୍ତର: ରାସ୍ତା ଏବଂ ପ୍ଲଟ୍ ନଂ.: ୨୧୧୭, ଦକ୍ଷିଣ: ଏ ସମ୍ମୁଖ ରାଓ, **CERSAI ID- 400022742250 /** ଖ) ୦୬.୧୧.୨୦୨୫ / ଗ) ୩୧.୦୧.୨୦୨୬ / ଘ) ଟ.୨୦,୩୨,୩୭୨/- (କୋଡିଏ ଲକ୍ଷ ବତିଶ ହଜାର ତିନି ଶହ ବାସ୍ତରୀ ଟଙ୍କା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା,** ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା,** ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬, **୪) ଶ୍ରୀମତୀ ନମିତା ପଟ୍ଟନାୟକ,** ସ୍ୱାମୀ: ବିଜୟ କିଶୋର ବେହେରା, ପ୍ଲଟ୍ ନଂ.: ୨୯୪, ଫ୍ଲାଟ୍ ନଂ.: ୩୦୧, ତ୍ରିବିକ୍ରମ ଟେରାସ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬

ସ୍ଥାନ: ଭୁବନେଶ୍ୱର, ତାରିଖ: ୩୧.୦୧.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ଗାଡ଼ି ଧକ୍କାରେ ଯୁବକ ମୃତ, ୨ ଗୁରୁତର

## ଗାଡ଼ି ଚାଳକଙ୍କୁ ଗିରଫ, କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ

ବେଗୁନିଆ,୧।୨
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବେଗୁନିଆ ଥାନା ଅଧୀନ ଗଡ଼ତରା ପେଟ୍ରୋଲ ପମ୍ପ ସମ୍ମୁଖରେ ରବିବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଏହି ଥାନା ଅଧୀନ ଧାନଘରନୂଆଗାଁ ଗ୍ରାମର ସଞ୍ଜୟ କୁମାର ସାହୁ(୨୭)। ଗୁରୁତର ମନୁ ଖଟେଇ ଏବଂ ବାଙ୍କ ଖଟେଇଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ି ଚାଳକଙ୍କୁ ଗିରଫ ଏବଂ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଲୋକେ ରାଜପଥ ଅବରୋଧ କରିଥିଲେ।


ଦୁର୍ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକେ ରାଜପଥ ଅବରୋଧ କରିଛନ୍ତି।

ସୂଚନା ମୁତାବକ, ରବିବାର ରାତି ପ୍ରାୟ ୯ଟାରେ ସ୍ଥାନୀୟ ଧାନଘରନୁଆଗାଁ ଗ୍ରାମର ସଞ୍ଜୟଙ୍କ ସହିତ ମନୁ ଓ ଏବଂ ବାଙ୍କ ବାଇକ୍ (ଓଡି ୨୫ ଏସ୍ ୧୯୧୬)ରେ ତେଲ ପକାଇବାକୁ ନିକଟସ୍ଥ ଗଡ଼ତରା ପେଟ୍ରୋଲ ପମ୍ପକୁ ଯାଉଥିଲେ। ହେଲେ ପେଟ୍ରୋଲ ପମ୍ପ ନିକଟରେ କୌଣସି ଏକ ଗାଡ଼ି ସେମାନଙ୍କୁ ଧକ୍କାଦେଇ ପଳାଇଥିଲା। ଫଳରେ ସେମାନେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ସଞ୍ଜୟଙ୍କୁ ମୃତ ଘୋଷଣା କରିଥିଲେ। ଧାନଘରନୂଆଗାଁ ଲୋକେ ଖବରପାଇ ପେଟ୍ରୋଲ ପମ୍ପ ନିକଟରେ ପହଞ୍ଚି ସିସିଟିଭି ଯାଞ୍ଚ କରିବା ପରେ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଧରିବାକୁ ଦାବି କରିଥିଲେ। କ୍ଷତିପୂରଣ ଦାବି କରି ପେଟ୍ରୋଲ ପମ୍ପ ସମ୍ମୁଖରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଖବରପାଇ ବେଗୁନିଆ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ପରେ ରାଧାକାନ୍ତପୁର ସରପଞ୍ଚ ଜୁଲିତା ଦାଶ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକ ହଟିଥିଲା। ଏହାପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଡଙ୍ଗରପଡ଼ା ନିକଟରେ ହାତୀ, ଲୋକେ ଭୟଭୀତ


ଡଙ୍ଗରପଡ଼ା ଗ୍ରାମ ନିକଟରେ ରହିଥିବା ହାତୀ।

ବେଗୁନିଆ,୧।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଡା ଗ୍ରାମ ନିକଟ ଏକ ଜଙ୍ଗଲିଆ ଅଞ୍ଚଳରେ ଏକ ହାତୀ ରହୁଥିବା ଦେଖିବାକୁ ମିଳିଛି। ରାତି ହେଲେ ଖାଦ୍ୟ ଅନ୍ୱେଷଣରେ ଗ୍ରାମରେ ପ୍ରବେଶ କରିବା ସହ ଲୋକଙ୍କ ବାରିରୁ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛି। ଗତ ଦୁଇଦିନ ହେବ ଗାଁରେ ହାତୀ ଉପଦ୍ରବ ଯୋଗୁ ସଞ୍ଜ ନଇଁଲେ ପଡୁଛି ତାଟିକବାଟ। ଖବରପାଇ ବନ ବିଭାଗ କର୍ମଚାରୀ ରବିବାର ସକାଳେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ହାତୀକୁ ଘଉଡ଼ାଇବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ।

ସୂଚନାଥାଉ କି, ସ୍ଥାନୀୟ ପୂର୍ଣ୍ଣମାସୀ ଜଙ୍ଗଲରେ ବିଗତ ବର୍ଷ ହାତୀପଲ ରହୁଥିବା ବେଳେ ଅନେକ ସମୟରେ ଧନ ଓ ଜୀବନ ହାନି କରୁଛନ୍ତି। ଖାଦ୍ୟ ଅନ୍ୱେଷଣରେ ସେମାନେ ଗାଁ ଭିତରକୁ ପଶି ଘର ଓ ପାଚେରି ଭାଙ୍ଗିରୁଜି ନଷ୍ଟ କରୁଛନ୍ତି। ଏପରିକି ଧାନ ଓ ପରିବା ଫସଲ ନଷ୍ଟ କରୁଛନ୍ତି। ସେହିପରି କେତେକ ସ୍ଥାନରେ ହାତୀ ଏବଂ ମଣିଷ ମଧ୍ୟରେ ଲଢ଼େଇ ହେଉଥିବା ନଜିର ରହିଛି। ତେବେ ହାତୀପଲ ସିକୋ, ହଜ, ଦେଉଳି, ପରିଛଳ, ହିରାପୁର, ବୋତଲମା, ଶଗଡ଼ଭଙ୍ଗା, ଡିଙ୍ଗର, ଗଡ଼ମାଣତୀର ଏବଂ କୁଞ୍ଜୁରୀ ଆଦି ପଞ୍ଚାୟତ ଅଞ୍ଚଳରେ ବିଚରଣ କରୁଛନ୍ତି। ତେବେ ହାତୀ ଉପଦ୍ରବ ରୋକିବାରେ ସରକାର ଓ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି ଡଙ୍ଗରପଡ଼ା ଗ୍ରାମର ଦୀନବନ୍ଧୁ ବିଶ୍ୱାଳ, ଜାମୁସାହି ଗ୍ରାମର ଅନିଲ ଚମ୍ପତିରାୟ, ଛତ୍ରପଡ଼ା ଗ୍ରାମର ଭାଗୀରଥି ଦଳସିଂହରାୟ କହିଛନ୍ତି।

# ସହରରୁ ଜବରଦଖଲ ଉଚ୍ଛେଦ ଦାବି

ଖୋର୍ଦ୍ଧା,୧।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହରରେ ବହୁ ସରକାରୀ ଜମି ଜବରଦଖଲରେ ରହିଛି। ଫଳରେ ବହୁ ଯୋଜନା ବାଧାପ୍ରାପ୍ତ ହେଉଛି। ସରକାରୀ ଜମିରେ ବେଆଇନ ଭାବେ କୋଠା ନିର୍ମାଣ ସହ ବହୁ ଘରୋଇ ଶିକ୍ଷାନୁଷ୍ଠାନ ନିର୍ମାଣ ହୋଇଛି। ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଲାଗି ବରିଷ୍ଠ ଭାଜପା ନେତା ରାଜୀବଲୋଚନ ଷଡ଼ଙ୍ଗୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଦର୍ଶାଯାଇଛି ଯେ, ଖୋର୍ଦ୍ଧା ସହର ତଥା ଏହାର ଆଖପାଖ ଅଞ୍ଚଳରେ ରହିଥିବା ବହୁ ସରକାରୀ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଥିବା ବେଳେ ଶାଗମାଛ ଦରରେ ବିକ୍ରି ଚାଲିଥିଲେ ମଧ୍ୟ ଏ ଦିଗରେ ରାଜସ୍ୱ ବିଭାଗ ନୀରବଦ୍ରଷ୍ଟା ସାଜିଛି। ସରକାରୀ ଜମିରେ ବେଆଇନ ଭାବେ କୋଠା କରି ଭଡ଼ାରେ ଲଗାଇ ଅର୍ଥ ଉପାର୍ଜନ କରୁଛନ୍ତି। ଫଳରେ ସରକାର ଲକ୍ଷାଧିକ ଟଙ୍କା ରାଜସ୍ୱ ହରାଉଛନ୍ତି। ଏହାକୁ ଜବରଦଖଲମୁକ୍ତ ଲାଗି ବାରମ୍ବାର ଦାବି ସତ୍ତ୍ୱେ ଜିଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉନାହିଁ। ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲର ଜମି ଜବରଦଖଲରେ ରହିଛି। ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଖେଳପଡ଼ିଆ ଏକ ଘରୋଇ ଅନୁଷ୍ଠାନ କବ୍‌ଜାରେ ରହିଛି। ଖେଳପଡ଼ିଆର ନାମ ବିଜେବି ହାଇସ୍କୁଲ ପଡ଼ିଆ ନାମକୁମାତ୍ର ରହିଥିବା ବେଳେ ଦୀର୍ଘ ବର୍ଷ ହେବ କ୍ରୀଡ଼ା ଅନୁଷ୍ଠାନ ଅଧୀନରେ ରହିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହାକୁ ମୁକ୍ତ କରାଯାଇପାରୁନାହିଁ। ସେହିପରି ଖୋର୍ଦ୍ଧାଗଡ଼ ଅବହେଳିତ ଅବସ୍ଥାରେ ରହିଛି। ଐତିହ୍ୟ କୀର୍ତ୍ତିରାଜିରେ ଭରପୂର ଖୋର୍ଦ୍ଧାଗଡ଼ର ଜବରଦଖଲ ଜମିକୁ ଉଚ୍ଛେଦ କରାଯାଇ ଉନ୍ନୟନମୂଳକ ଯୋଜନାକୁ ତ୍ୱରାନ୍ୱିତ କରାଗଲେ ପର୍ଯ୍ୟଟନ ଶିଳ୍ପର ବିକାଶ ଘଟିବ। ସେହିପରି ଡାକ୍ତର୍ସ ଲେନ୍, ରାଧାଗୋବିନ୍ଦ ଲେନ୍, ମାଛ ମାର୍କେଟରେ ଏକାଧିକ ବ୍ୟବସାୟୀ ଡ୍ରେନ୍‌କୁ ପୋତି କୋଠା କରିଛନ୍ତି। ସହରର ଡ୍ରେନ୍ ସମ୍ପୂର୍ଣ୍ଣ ଜବରଦଖଲରେ ରହିଛି। ଡ୍ରେନ୍ ଉପରେ ବ୍ୟବସାୟ ଚାଲିଛି। ଫଳରେ ସହର ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ସହରରୁ ଜବରଦଖଲ ଏବଂ ଡ୍ରେନ୍‌କୁ ଅବରୋଧମୁକ୍ତ ଲାଗି ସେ ଦାବି କରିଛନ୍ତି। ଅନ୍ୟପଟେ ଖୋର୍ଦ୍ଧା ସହରରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ଜିଲାପାଳ ଅମ୍ରିତ୍ ଋତୁରାଜ କହିଛନ୍ତି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ବୋଲଗଡ଼,୧।୨(ଦେବବ୍ରତ ହୋତା)

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ପିଚୁକୁଳିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୪ର୍ଥ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ 'ସୃଜନିକା' ଶନିବାର ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଉନ୍ନତ ଶିକ୍ଷାଦାନ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଲକ୍ଷ୍ୟ ବୋଲି କହିଥିଲେ। ଅଧ୍ୟକ୍ଷ ତାପସ କୁମାର ଦ୍ୱିବେଦୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଡିଆଇଇଟି ଅଧ୍ୟକ୍ଷ ତାପସ କୁମାର ନାୟକ ମୁଖ୍ୟବକ୍ତା, ପ୍ରାଥମିକ ଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ ବିଶେଷ ଅତିଥି ଏବଂ ତହସିଲଦାର ବିଜୟ କୁମାର ସେଠୀ, ଡ. ନିରଞ୍ଜନ ମହାନ୍ତି, ପ୍ରଦୀପ ବାରିକ, ପବିତ୍ର ମାଝି ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟକ୍ଷ ଦ୍ୱିବେଦୀ ବିବରଣୀ ପାଠ ଏବଂ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷା, କ୍ରୀଡ଼ା, ଶୃଙ୍ଖଳା, ଆଚରଣ ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କୃଷ୍ଣଚନ୍ଦ୍ର ପଣ୍ଡା, ନାରାୟଣ ଦାସ, ସୁବାସ ଦାସ, ବିରଞ୍ଚି ବାରିକ, ଗୁରୁପ୍ରସାଦ ନାଥଶର୍ମା, ଅମିତ୍ ନାୟକ, ଚନ୍ଦ୍ରକାନ୍ତ ଜଗଦେବ, ଅନନ୍ୟା ପ୍ରିୟଦର୍ଶନୀ, ସୁପ୍ରିୟା ପ୍ରଧାନ, ଇତିଶ୍ରୀ ପାଣି, ଅମ୍ରିତା ପାତ୍ର, ରଶ୍ମିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଶୁତୋଷ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ରାଧାନାଥ ରଥଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀ


ଶ୍ରାଦ୍ଧବାର୍ଷିକୀରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ଜଟଣୀ,୧।୨(ରବୀନ୍ଦ୍ରନାଥ ମହାକୁଡ଼)

ବିଶିଷ୍ଟ ଜନନାୟକ, ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ପଦ୍ମଭୂଷଣ ଡ.ରାଧାନାଥ ରଥଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଜଟଣୀ ରାମଚନ୍ଦ୍ରପୁର ବଜାରସ୍ଥିତ ବରିଷ୍ଠ ନାଗରିକ ସେବା ସଂଘ ଏବଂ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠାନର ସଭାପତି ଅବନୀ ରାଉତରାୟଙ୍କ ନେତୃତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ଏଥିରେ ବହୁ ବ୍ୟକ୍ତି ଯୋଗଦେଇ ରାଧାନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ଜବାହରଲାଲ ସୁବୁଦ୍ଧି, ଯୁଧିଷ୍ଠିର ସାମନ୍ତରାୟ, ମହମ୍ମଦ ଇଫ୍‌ତେଖାର ଅଲ୍ଲୀ, ପଦ୍ମନାଭ ପାଣିଗ୍ରାହୀ, ସୁଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ତିଛିଣିରେ ନାଟ୍ୟ ମହୋତ୍ସବ


ନାଟ୍ୟ ମହୋତ୍ସବରେ ଯୋଗଦେଇଥିବା ଅତିଥି ଏବଂ କର୍ମକର୍ତ୍ତା।

କୃଷ୍ଣପ୍ରସାଦ,୧।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅଲଣ୍ଡା ପଞ୍ଚାୟତ ଅନ୍ତର୍ଗତ ତିଛିଣି ଗ୍ରାମବାସୀଙ୍କ ପକ୍ଷରୁ ଭୈମୀ ଏକାଦଶୀ ଅବସରରେ ଗ୍ରାମର ତ୍ରିନାଥ ଦେବ ନାଟ୍ୟ କଳା ପରିଷଦ ପକ୍ଷରୁ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଧାୟିକା ଉପାସନା ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ତିଛିଣି ଗ୍ରାମ୍ୟ କମିଟି ସଭାପତି ଦୀନବନ୍ଧୁ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ରଘୁନାଥ ବତ୍ସ, ମୁଖ୍ୟବକ୍ତା ବ୍ଲକ ଆମ୍ବା କମିଟି ଅଧ୍ୟକ୍ଷ ସଞ୍ଜୟ ସେଠୀ, ସମ୍ମାନିତ ଅତିଥିଭାବେ ଉତ୍ତମ କୁମାର ତରେଇ, ହରିହର ଦାଶ, ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ସମିତିସଭ୍ୟା ମାନସୀ ସାହୁ, ଅଲଣ୍ଡା ପଞ୍ଚାୟତ ଭାଜପା ସଭାପତି ଶରତ ଚନ୍ଦ୍ର ଜେନା, କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ୍ ବିଶ୍ୱାଳ, ଗ୍ରାମ୍ୟ କମିଟି ସମ୍ପାଦକ ହିରଣ୍ୟ କୁମାର ଜେନା, ବୀଣାପାଣି ଯୁଥ କ୍ଲବ ସଭାପତି ବସନ୍ତ ପଲେଇ ପ୍ରମୁଖ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ସ୍ୱାଧୀନ କୁମାର ପଲେଇ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପୀତାମ୍ବର ବାରିକ ମଞ୍ଚ ପରିଚାଳନା କରିଥିଲେ। ଗଣେଶ୍ୱର ମହାନ୍ତିଙ୍କ ନିର୍ଦ୍ଦେଶନାରେ ସାମାଜିକ ନାଟକ ଆଖିର ଜନମ କାନ୍ଦିବା ପାଇଁ, କଳିଯୁଗର ଏ ନୂଆ କାହାଣୀ ମଞ୍ଚସ୍ଥ ହୋଇଥିଲା। ନାଟ୍ୟ ସଂସଦର ମ୍ୟାନେଜର କୁମର ସାହୁ, ବିନୋଦ ଜେନା ଉତ୍ସବ ପରିଚାଳନା କରୁଥିବା ବେଳେ ତ୍ରିନାଥ ଦେବ ନାଟ୍ୟ କଳା ପରିଷଦର କଳାକାରମାନେ ଅଭିନୟରେ ଅଂଶଗ୍ରହଣ କରିଥିଲେ।

# ସର୍ବେଶ୍ୱର ସୁନ୍ଦରାୟ ସ୍ମୃତି ସମ୍ମାନ ସମାରୋହ

ଟାଙ୍ଗୀ,୧।୨(ରଘୁନାଥ ସାହୁ)

ଟାଙ୍ଗୀ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ପୁରାତନ ଛାତ୍ର ପରିଷଦ ଆନୁକୂଲ୍ୟରେ ଆଦର୍ଶ ଶିକ୍ଷକ ସର୍ବେଶ୍ୱର ସୁନ୍ଦରାୟ ସ୍ମୃତି ସମ୍ମାନ ସମାରୋହ ପରିଷଦ ସଭାପତି ପ୍ରସନ୍ନ କୁମାର ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସାମାଜିକ ସୁରକ୍ଷା ବିଭାଗର ଅତିରିକ୍ତ ସଚିବ ଭାସ୍କର ଚନ୍ଦ୍ର ରଇତ ଯୋଗଦେଇ ସୁନ୍ଦରାୟ କେବଳ ଜଣେ ଶିକ୍ଷକ ନ ଥିଲେ, ଥିଲେ ଏକ ଅନୁଷ୍ଠାନ ବୋଲି ମନ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ, ଟାଙ୍ଗୀ ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମଣ ଶ୍ରୀଚନ୍ଦନ, କ୍ରୀଡ଼ା ସଙ୍ଗଠକ ବିଜୟ କୁମାର ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ, ଗୋପାଳ ଚନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମଣି ମଙ୍ଗରାଜ, ଜ୍ୟୋତି ରଞ୍ଜନ ଦାଶ, ବିଭୂତି ଦାଶ, ସନ୍ତୋଷ ନାୟକ, ପ୍ରଶାନ୍ତ ଦାଶ, ଚିତ୍ତରଞ୍ଜନ ପଟ୍ଟନାୟକ, ବାସୁଦେବ ସିଂ, ବସନ୍ତ ସେଠୀଙ୍କୁ ସର୍ବେଶ୍ୱର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅତିଥିମାନେ ୧୫ଜଣ ବୃଦ୍ଧାଙ୍କୁ ସାଲ୍ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମହେଶ୍ୱର ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ସାହୁ, ଗୋବିନ୍ଦ ଚନ୍ଦ୍ର ମହାରଣା, ଗଦାଧର ସାମନ୍ତରାୟ, ସାରଙ୍ଗଧର ପାଲଟାସିଂ ପ୍ରମୁଖ ସୁନ୍ଦରାୟଙ୍କ ସ୍ମୃତିଚାରଣ କରିଥିଲେ। କୁହୁଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ଜଟଣୀ,୧।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ଅରଗୁଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଭାଜପା ନେତା ବିଶ୍ୱରଜନ ବଡ଼ଜେନା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତାଭାବେ ସାମାଜିକ କର୍ମୀ ଡା ଉମାକାନ୍ତ ପଟ୍ଟନାୟକ, ଡ. ଋଷି ପଟ୍ଟନାୟକ, ଡ. ଶମ୍ଭୁଦତ୍ତ ସ୍ୱାଇଁ, ସବ୍ୟସାଚୀ ଦାସ ଏବଂ ବିଦ୍ୟାଳୟର ଉଦ୍ୟୋକ୍ତା ଇଂ. ପ୍ରତାପ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟା ସସ୍ମିତା ଜେନା ସଭାପତିତ୍ୱ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# 'ସୁସ୍ଥ ଜୀବନଶୈଳୀ ପାଇଁ ଶାରୀରିକ ସୁସ୍ଥତା ଜରୁରୀ'

## ଖୋର୍ଦ୍ଧାରୋଡ୍ ହାଫ୍ ମାରାଥନ ଭୁବନେଶ୍ୱର ୨.୦'



ଅତିଥି ଏବଂ କର୍ମକର୍ତ୍ତାଙ୍କ ଗହଣରେ ପୁରସ୍କୃତ ପ୍ରତିଯୋଗୀମାନେ।

ଜଟଣୀ,୧।୨(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ୍ ରେଲୱେ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ଆଇଆଇଟି ଭୁବନେଶ୍ୱର ସହଯୋଗରେ ସ୍ଥାନୀୟ ରେଲୱେ କ୍ରିକେଟ୍ ଷ୍ଟାଡିୟମରେ 'ଖୋର୍ଦ୍ଧାରୋଡ୍ ହାଫ୍ ମାରାଥନ ଭୁବନେଶ୍ୱର ୨.୦' ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଭାଗ ନେଇଥିଲେ। ଏଥିରେ ଖୋର୍ଦ୍ଧାରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ ମୁଖ୍ୟ ଅତିଥି ଏବଂ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମଲକର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଖୋର୍ଦ୍ଧାରୋଡ ଏଡିଆରଏମ୍ (ଅପରେଶନ୍ସ) ପି. କେ. ବେହେରା, ଏଡିଆରଏମ୍ (ଇନ୍‌ଫ୍ରାଷ୍ଟ୍ରକ୍‌ଚର) ଶୁଭ୍ରଜ୍ୟୋତି ମଣ୍ଡଳ, ଆଇଆଇଟି ଭୁବନେଶ୍ୱରର ଛାତ୍ର ବ୍ୟାପାର ଡିନ୍ ପ୍ରଫେସର ରାଜେଶ ରୋଶନ ଦାଶ ଏବଂ କାନାରା ବ୍ୟାଙ୍କର ମହାପ୍ରବନ୍ଧକ ସୁମନ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧାରୋଡ୍ ମଣ୍ଡଳର ବରିଷ୍ଠ ବିଭାଗୀୟ ବାଣିଜ୍ୟିକ-ସହ-କ୍ରୀଡ଼ା ଅଧିକାରୀ ଅନିଲ କୁମାର ଏସ୍‌ଙ୍କ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା। କ୍ରୀଡ଼ା ସଚିବ ମହମ୍ମଦ ଜାକିରୁଦ୍ଦିନ ଓ ସହାୟକ କ୍ରୀଡ଼ା ସଚିବ ଜେ.ଏସ୍. ପାତ୍ରଙ୍କ ସକ୍ରିୟ ସମନ୍ୱୟ ସହ ଖୋର୍ଦ୍ଧାରୋଡ୍ ରେଲୱେ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୁସ୍ଥ ଓ ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଏହି ମାରାଥନ୍‌ର ମୂଳ ଉଦ୍ଦେଶ୍ୟ ଥିଲା ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଦୌଡ଼ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କୁ ଟି-ଶାର୍ଟ, ପଦକ, ପାନୀୟଜଳ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ସମୟରେ ଚିକିତ୍ସା ସୁବିଧା, ପ୍ରାଥମିକ ଚିକିତ୍ସା ଏବଂ ଯାତାୟାତ ପରିଚାଳନା ସୁନିଶ୍ଚିତ କରାଯାଇଥିଲା। ରେଲୱେ ଷ୍ଟାଡିୟମ-ଆଇଆଇଟି ଭୁବନେଶ୍ୱର (୨୧.୧ କିମି ଓ ୧୦ କିମି), ବ୍ଲକ ଛକ (୫ କିମି) ଏବଂ ପୋଷ୍ଟ ଅଫିସ ଛକ (୨ କିମି) ଅନ୍ତର୍ଭୁକ୍ତ ଥିଲା ଏବଂ ସମସ୍ତ ଦୌଡ଼ ରେଲୱେ ଷ୍ଟାଡିୟମରେ ଶେଷ ହୋଇଥିଲା। ୨୧ କିମି ଏବଂ ୧୦ କିମି ଦୌଡ଼ରେ ପୁରୁଷ ଓ ମହିଳା ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଆଲୋକ ତ୍ରିପାଠୀ ସମସ୍ତ ବିଜେତା ଓ ଅଂଶଗ୍ରହଣକାରୀଙ୍କୁ ଅଭିନନ୍ଦନ ଜଣାଇ ଏଭଳି କାର୍ଯ୍ୟକ୍ରମ ଦ୍ୱାରା କର୍ମଚାରୀ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ଫିଟ୍‌ନେସ୍ ସଚେତନତା ବୃଦ୍ଧି ପାଇବ ବୋଲି ଆଶାପ୍ରକାଶ କରିଥିଲେ।

केनरा बैंक Canara Bank
सिंडिकेट Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ଆକ୍ଟ ୫୪) (ଏହାପରେ ଆକ୍ଟ କୁହାଯିବ)ର ଧାରା ୧୩(୧୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ, ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ **ଦଖଲ** କରିଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର ଭୁବନେଶ୍ୱର କଟକ ରୋଡ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଭୁବନେଶ୍ୱର କଟକ ରୋଡ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡ଼ିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ଋଣଗ୍ରହୀତା: ମେସର୍ସ ଫୋଏନିକ୍ସ ଫିଲ୍ମ ଲାବ୍ସ ପ୍ରା.ଲି.**, ପ୍ଲଟ୍ ନଂ.: ୪୬, ୨ୟ ମହଲା, ଇନଫୋସିଟି ରୋଡ୍, ପଟିଆ, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୪, **ନିର୍ଦ୍ଦେଶକମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ**, ପିତା: ସ୍ୱ ରମାକାନ୍ତ ପଟ୍ଟନାୟକ, ହାଉସ ନଂ.: ୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା**, ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା**, ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ**, ପିତା: ସ୍ୱ ରମାକାନ୍ତ ପଟ୍ଟନାୟକ, ହାଉସ ନଂ.: | **କ) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଲକ୍ଷ୍ମୀସାଗର, ଥାନା ନଂ.: ୫୨, ଏସ୍‌ଆରଓ: ଭୁବନେଶ୍ୱର, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୩୦, ଲକ୍ଷ୍ମୀସାଗର-୧, ଖାତା ନଂ.: ୧୫୯୩/୩୪୦, ପ୍ଲଟ୍ ନଂ.: ୨୧୧୬, କ୍ଷେତ୍ର: ଏକର୦.୦୫୮ ଡିସିମିଲି, ଅନୁରୂପ ପ୍ଲଟ୍ ନଂ.: ୨୧୧୬, ଖାତା ନଂ.: ୧୦୭୫, କ୍ଷେତ୍ର ଏକର୦.୧୮୮ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୧୧୭ ଏବଂ ପ୍ଲଟ୍ ନଂ.: ୪୩୯୩(ଅଂଶ), ପଶ୍ଚିମ: ପ୍ଲଟ୍ ନଂ.: ୨୧୧୮ ଏବଂ ପ୍ଲଟ୍ ନଂ.: ୨୧୨୫(ଅଂଶ), ଉତ୍ତର: ରାସ୍ତା ଏବଂ ପ୍ଲଟ୍ ନଂ.: ୨୧୧୭, ଦକ୍ଷିଣ: ଏ ସମୁଖ ରାଓ, CERSAI ID- 400022742250 / ଖ) ୦୬.୧୧.୨୦୨୫ / ଗ) ୩୧.୦୧.୨୦୨୬ / ଘ) ଟ.୨୦,୩୨,୩୭୨/- (କୋଡିଏ ଲକ୍ଷ ବତିଶ ହଜାର ତିନି ଶହ ବାସ୍ତରୀ ଟଙ୍କା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା**, ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା**, ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬, **୪) ଶ୍ରୀମତୀ ନମିତା ପଟ୍ଟନାୟକ**, ସ୍ୱାମୀ: ବିଜୟ କିଶୋର ବେହେରା, ପ୍ଲଟ୍ ନଂ.: ୨୯୪, ଫ୍ଲାଟ୍ ନଂ.: ୩୦୧, ତ୍ରିବିକ୍ରମ ଟେରାସ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬

ସ୍ଥାନ: ଭୁବନେଶ୍ୱର, ତାରିଖ: ୩୧.୦୧.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ସଂକ୍ଷେପରେ

### ଭାରତୀପୁର ମଣ୍ଡଳ ହିନ୍ଦୁ ସମ୍ମିଳନୀ

ପିପିଲି,୧।୨(ପ୍ରଭାତ କୁମାର ମହାପାତ୍ର)

ମା' ଯୋଗମାୟା ଦେବୀଙ୍କ ମନ୍ଦିର ପ୍ରାଙ୍ଗଣରେ ରବିବାର ଭାରତୀପୁର ମଣ୍ଡଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀପୁର, କଣ୍ଟି, ଓରକଳ, ପାଣିଦଳ, ପୋପରଙ୍ଗା ପଞ୍ଚାୟତରୁ ଶତାଧିକ ହିନ୍ଦୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସକାଳୁ କଳସ ଯାତ୍ରା ଆରମ୍ଭ ହେବା ପରେ ବିଶ୍ୱ ଶାନ୍ତି ଉଦ୍ଦେଶ୍ୟରେ ଯଜ୍ଞ କରାଯାଇଥିଲା। ପରେ ଅନୁଷ୍ଠିତ ଆଧ୍ୟାତ୍ମିକ ସଭାରେ ଅତିଥି ଭାବେ ହିମାଳୟ ବଦ୍ରିନାଥ ଧାମର ସନ୍ଥ ସ୍ୱାମୀ ଗଣେଶ୍ୱର ନନ୍ଦ ସରସ୍ୱତୀ, ରାଜ୍ୟ ଗୋ ବିଜ୍ଞାନ ସଂଯୋଜକ, ସନ୍ଥ ଡାକ୍ତର ସ୍ୱାମୀ ଅମୃତାନନ୍ଦ ଗିରି, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବ ପ୍ରାନ୍ତ ସଂଘ ଚାଳକ ସମୀର ମହାନ୍ତି, ପୁରୀ ବିଭାଗ ଗୋସେବା ସଂଯୋଜକ ପ୍ରଭାତ କୁମାର ମହାପାତ୍ର ଯୋଗଦେଇ ହିନ୍ଦୁ ଏକତା ସହ ଜାତି ବାଦରୁ ମୁକ୍ତ ରହିବାକୁ ଆହ୍ୱାନ କରିଛନ୍ତି। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯଜ୍ଞ ପୂର୍ଣ୍ଣାହୁତି କରାଯାଇ ସାମୂହିକ ପ୍ରସାଦ ସେବନ ହୋଇଥିଲା। କାର୍ଯ୍ୟକ୍ରମକୁ ସମୂହ ହିନ୍ଦୁ ସଂଗଠନର କର୍ମକର୍ତ୍ତା ପ୍ରକାଶ ପ୍ରଧାନ, ଧର୍ମଜିତ ନନ୍ଦ, ଅଭିଜିତ ବେହେରା, ସୁଜିତ ବାରିକ, ପ୍ରମୋଦ ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ।

### ୩୨ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ

ବଳଙ୍ଗା,୧।୨(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଗ୍ରାମର ପତିତପାବନ ମନ୍ଦିର ପ୍ରାଙ୍ଗଣରେ ମା' ଲଙ୍କେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପରିଚୟପତ୍ର ବଣ୍ଟନ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନାଗରିକ ମଞ୍ଚର ସ୍ଥାୟୀ ସଭାପତି ଶଙ୍କର ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ବଳଙ୍ଗା ଥାନାର ଏସ୍ଆଇ ସସ୍ମିତା ବେହେରା, ମୁଖ୍ୟ ବକ୍ତା ଭାବେ ବାଇଶି ଶାସନ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ବଳଙ୍ଗା ସରପଞ୍ଚ ଅଞ୍ଜଳି ପ୍ରଧାନ, ସମିତି ସଭ୍ୟ ପ୍ରକାଶ କୁମାର ସାହୁ ଏବଂ ସାମାଜିକକର୍ମୀ ରତ୍ନାକର ଆଚାର୍ଯ୍ୟ ଯୋଗଦେଇଥିଲେ। ବକ୍ତାମାନେ ସମାଜରେ ବରିଷ୍ଠ ନାଗରିକଙ୍କ ପାଇଁ ରାଜ୍ୟ ସରକାରଙ୍କ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ନୂତନ ଭାବେ ୩୨ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ବାବାଜୀ ଦେଓ, ସମ୍ପାଦକ ସୁରେନ୍ଦ୍ର ନାଥ ପଣ୍ଡା, କୋଷାଧ୍ୟକ୍ଷ ସୁଧାଂଶୁ ମୋହନ ଲେଙ୍କା, ବାନାମ୍ବର ବେହେରା, ଗୋବିନ୍ଦ ଚନ୍ଦ୍ର ମିଶ୍ର, ଜୟନାରାୟଣ ଦାଶ, ଗଗନ ବିହାରୀ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବାବା ବାସୁଦେବ ମନ୍ଦିର ସମ୍ମୁଖରେ ଅଷ୍ଟପ୍ରହର ନାମଯଜ୍ଞ

ଚାରିଛକ,୧।୨(ଶିଶିର କୁମାର ସ୍ୱାଇଁ)

ନିମାପଡ଼ା ବ୍ଲକ ତୁଳସୀପୁର ଗ୍ରାମରେ ପୂଜା ପାଇଆସୁଥିବା ବାବା ବାସୁଦେବଙ୍କ ମନ୍ଦିର ସମ୍ମୁଖରେ ଚଳିତବର୍ଷ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଅଧିବାସ ଦିନ ଶ୍ରଦ୍ଧାଳୁମାନେ ସଙ୍କୀର୍ତ୍ତନ କରି ଏକ ଶୋଭାଯାତ୍ରାରେ ପ୍ରାଚୀ ନଦୀରୁ କଳସରେ ପାଣି ଆଣି କୁଞ୍ଜରେ ସ୍ଥାପନ କରିବା ପରେ ଅଧିବାସ କାର୍ଯ୍ୟ ହୋଇଥିଲା। ପ୍ରାୟ ୧୪ଟି ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। କର୍ତ୍ତା ଭାବେ ପ୍ରଦୀପ୍ତ କୁମାର ସାହୁ ଏବଂ ବାବା ସଚ୍ଚିଦାନନ୍ଦ ଦାସ ଓ ବଳିଆ ବାବା ପୂଜକ ଭାବେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ ବୋଲି ଗ୍ରାମ କମିଟି ସଭାପତି ଦ୍ୱିଜବର ସାହୁ ଓ ବୀରବର ସାହୁ ପ୍ରକାଶ କରିଛନ୍ତି।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

ପିପିଲି,୧।୨(ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ପିପିଲି ମହାବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗ ପରୀକ୍ଷାଗାର ପରିଚାଳକ ଦ୍ୱିଜବର ବରାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧକ୍ଷ ସଦାଶିବ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଭବେଶ ପ୍ରସାଦ ତ୍ରିପାଠୀ ଏବଂ ବରିଷ୍ଠ ଅଧ୍ୟାପକମାନେ ଯୋଗଦେଇ ବିଦାୟୀ ପରିଚାଳକ ଦ୍ୱିଜବରଙ୍କ ଗୁଣଗାନ କରିଥିଲେ। ମହାବିଦ୍ୟାଳୟ ପକ୍ଷରୁ ତାଙ୍କୁ ଉପଢୌକନ ଏବଂ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଙ୍ଗୀତ ଅଧ୍ୟାପକ ଡ. ସଚ୍ଚିକାନ୍ତ ନାୟକ ପରିଚାଳନା କରିଥିବା ବେଳେ ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ସ୍ୱାଗତିକା ସାହୁ, ପ୍ରଣିତା ମହାପାତ୍ର ଏବଂ ଲକ୍ଷ୍ମୀପ୍ରିୟା ପ୍ରଧାନ ସହଯୋଗ କରିଥିଲେ। ସମସ୍ତ ଅଧ୍ୟାପିକା, ଅଧ୍ୟାପକଙ୍କ ସମେତ ମନସ୍ତତ୍ତ୍ୱ ବିଭାଗ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ କଣ୍ଠଶିଳ୍ପୀ ମୋନାଲିସାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା।

# ତତ୍କାଳ ଟିକେଟ ବୁକିଂ କଳାବଜାର: ରେଳଯାତ୍ରୀ ହଇରାଣ

ଡେଲାଙ୍ଗ,୧।୨(ରଶ୍ମୀରଞ୍ଜନ ପ୍ରଧାନ)




ରେଳଯାତ୍ରୀଙ୍କୁ ସଂରକ୍ଷିତ ଟିକେଟ ନ ମିଳିବା ତଥା ଆପାତ୍କାଳୀନ ପରିସ୍ଥିତିରେ ଦୂରକୁ ଯାତ୍ରା କରିବା ନିମନ୍ତେ ରେଳ ବିଭାଗ ପକ୍ଷରୁ ତତ୍କାଳ ଟିକେଟ ବୁକିଂର ବ୍ୟବସ୍ଥା କରାଯାଇଛି। ସାଧାରଣ ସଂରକ୍ଷିତ ଟିକେଟ ଦର ଠାରୁ ତତ୍କାଳ ଟିକେଟର ଦର ଅଧିକ ରଖାଯାଇଥିବାବେଳେ ଏହି ଟିକେଟ କାଟିବାକୁ ଲୋକେ ରାତିତମାମ ରେଳଷ୍ଟେଶନରେ ଜଗି ରହୁଥିବା ଦେଖିବାକୁ ମିଳିଛି। ଡେଲାଙ୍ଗରେ ତତ୍କାଳ ରେଳ ଟିକେଟ ବୁକିଂକୁ କେତେଜଣ ଅସାମାଜିକ ବ୍ୟକ୍ତି ବ୍ୟବସାୟ ରୂପେ ଆପଣେଇଥିବା ଜଣାପଡ଼ିଛି। ଜଟଣୀ, ସାକ୍ଷୀଗୋପାଳ, ନିରାକାରପୁର, କଣାସ, ଚନ୍ଦନପୁର ଆଦି ଦୂରଦୂରାନ୍ତର ଯାତ୍ରୀଙ୍କଠାରୁ ଅଧିକ ମୂଲ୍ୟ ନେଇ ଅସାମାଜିକ ବ୍ୟକ୍ତିମାନେ ପ୍ରତିଦିନ ଡେଲାଙ୍ଗ ରେଳଷ୍ଟେଶନରେ ଏକାଧିକ ତତ୍କାଳ ଟିକେଟ ବୁକିଂ କରୁଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ଏହି କଳାବଜାରୀରେ କେତେଜଣ ରେଳକର୍ମଚାରୀ ସମ୍ପୃକ୍ତ ଥିବା ଅଭିଯୋଗ ହେବାପରେ ରେଲୱେ ପୋଲିସ ପକ୍ଷରୁ ନଜର ରଖାଯାଇଛି। କଳାବଜାର ଯୋଗୁ ରେଳଯାତ୍ରୀ ଟିକେଟ ନ ପାଇ ହଇରାଣ ହେଉଛନ୍ତି।

ଅଭିଯୋଗ ମୁତାବକ, ଭୁବନେଶ୍ୱରରୁ ସିକନ୍ଦରାବାଦ ଯିବାପାଇଁ ସ୍ଥାନୀୟ ଅଞ୍ଚଳର ଗଣେଶ କୁମାର ସ୍ୱାଇଁ ନିଜ ସମ୍ପର୍କୀୟଙ୍କ ସହ ତତ୍କାଳ ଟିକେଟ କାଟିବାକୁ ଡେଲାଙ୍ଗ ରେଳ ଷ୍ଟେଶନକୁ ଆସିଥିଲେ। ଷ୍ଟେଶନରେ ଟିକେଟ ବୁକିଂ କରୁଥିବା ଜଣେ କର୍ମଚାରୀ ସେମାନଙ୍କ ହାତରୁ ଫର୍ମ ନେଇ ପାଖରେ ରଖିବା ସହ ତାଙ୍କ ପଛରେ ଥିବା କେତେଜଣ ଯୁବକଙ୍କ ଟିକେଟ ଆଗୁଆ କାଟିଥିଲେ। ଫଳରେ ରାତିତମାମ ନିଜ ଫର୍ମକୁ ଜଗି ରହିଥିବା ଏକାଧିକ ଲୋକଙ୍କୁ ଟିକେଟ ମିଳିପାରି ନ ଥିଲା। ଏନେଇ ଯାତ୍ରୀ ପଚାରିବାରୁ ସମ୍ପୃକ୍ତ ରେଳ କର୍ମଚାରୀ ସେମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଆଗୁଆ ଟିକେଟ କାଟିନେଇଥିବା ଯୁବକମାନେ ପ୍ରତିଦିନ ଅନ୍ୟମାନଙ୍କ ଟିକେଟ କାଟି ଅଧିକ ଟଙ୍କାରେ ବିକ୍ରି କରୁଥିବା ଜଣାପଡ଼ିବାରୁ ସେମାନେ ସେଠାରୁ ଚମ୍ପଟ ମାରିଥିଲେ। ସ୍ୱାଇଁ ଘଟଣାର ତଦନ୍ତ ନିମନ୍ତେ ଡେଲାଙ୍ଗ ଷ୍ଟେଶନମାଷ୍ଟରଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇ ତଦନ୍ତ କରାଯିବ ବୋଲି ଷ୍ଟେଶନ ମାଷ୍ଟର ରଶ୍ମିକାନ୍ତ ମିଶ୍ର କହିଛନ୍ତି।

# ମାଘପୂର୍ଣ୍ଣିମାରେ ପ୍ରାଚୀ ଆଳତି



କାକଟପୁର, ୧।୨(ଶୁଭଦର୍ଶନ ମିଶ୍ର)

ମାଘପୂର୍ଣ୍ଣିମା ଅବସରରେ ରବିବାର କାକଟପୁର ନିକଟ ପୁଣ୍ୟତୋୟା ପ୍ରାଚୀ ସରସ୍ୱତୀ ନଦୀର ଆଳତି କରାଯାଇଛି। ସନ୍ଧ୍ୟା ୬ଟାରେ ପୂଜାପଣ୍ଡା ସେବାୟତ ସୁବାସ ଚନ୍ଦ୍ର ପାଢ଼ୀ ଓ ଲଳିତ ମୋହନ ଦୀକ୍ଷିତ ମା' ମଙ୍ଗଳାଙ୍କଠାରୁ ଆଜ୍ଞାମାଳ ଆଣିବା ପରେ ଏକ ବିରାଟ ଶୋଭାଯାତ୍ରାରେ ପ୍ରାଚୀ ନଦୀକୂଳକୁ ଆସି ପ୍ରାଚୀ ସରସ୍ୱତୀ ମା'ଙ୍କୁ କ୍ଷୀରରେ ସ୍ନାନ କରାଇ ମା' ମଙ୍ଗଳାଙ୍କ ଅଖଣ୍ଡ ଦୀପରୁ ଆସିଥିବା ଅଗ୍ନିରେ ପ୍ରାଚୀ ସରସ୍ୱତୀଙ୍କୁ ଆଳତି କରିଥିଲେ। ସହସ୍ରାଧିକ ଶ୍ରଦ୍ଧାଳୁ ଓ ସେବାୟତ ପ୍ରାଚୀ ବନ୍ଦନା ଗାନ ପୂର୍ବକ ପ୍ରାଚୀ ନଦୀକୁ ବନ୍ଦାପନା କରିଥିଲେ। ସ୍ଥାନୀୟ ଅହ୍ଲୁଣିଆପାଟଣା ଗ୍ରାମର ଜଣେ ଭକ୍ତଙ୍କ ଦ୍ୱାରା ଏହି ପ୍ରାଚୀ ଆଳତି କାର୍ଯ୍ୟକ୍ରମ ଗତ ୨ ବର୍ଷ ହେଲା ଚାଲିଆସୁଛି। ପ୍ରାଚୀ ସରସ୍ୱତୀ ନଦୀ କିମ୍ବଦନ୍ତୀର ନାୟିକା ଭାବେ ଅନେକ ପୌରାଣିକ କଥା ଓ ଗାଥା ସହିତ ଜଡ଼ିତ। ଏହାରି କୂଳରେ ଦ୍ୱାଦଶ ଶମ୍ଭୁ, ଦ୍ୱାଦଶ ମାଧବ, ଦ୍ୱାଦଶ ଚଣ୍ଡୀ ଓ ଆଦ୍ୟାଶକ୍ତି ମା' ମଙ୍ଗଳା ଆର୍ବିଭାବ ହୋଇଛନ୍ତି ବୋଲି ପୌରାଣିକ ତଥ୍ୟ ରହିଛି।

# 'ରକ୍ତ ଅଭାବରୁ କାହାର ଜୀବନ ନ ଯାଉ'

କାକଟପୁର/ଅସ୍ତରଙ୍ଗ,୧।୨(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

କାକଟପୁର ଥାନା ପରିସରରେ ରବିବାର ଆମ ପୋଲିସ ସମିତି ଏବଂ କେବିଇଏମ୍ କିଡ୍ସ ପବ୍ଲିକ ସ୍କୁଲର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି।




ଜଣେ ପୋଲିସ କର୍ମଚାରୀ ରକ୍ତଦାନ କରୁଛନ୍ତି।

ମୁଖ୍ୟ ଅତିଥି ଭାବେ ନିମାପଡ଼ା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, କେବିଇଏମ୍ କିଡ୍ସ ପବ୍ଲିକ ସ୍କୁଲ ଚେୟାରମ୍ୟାନ ଦିବ୍ୟରଞ୍ଜନ ସାହୁ, କଟକ ରେଡ୍‌କ୍ରସ୍ ନିର୍ଦ୍ଦେଶକ ଡ. ଚନ୍ଦ୍ରିକା ପ୍ରସାଦ ଦାଶ, ପୁରୀର ଆଡିସନାଲ ପବ୍ଲିକ ହେଲଥ ଅଫିସର ଡା. ବିନୋଦ ରଥ, ବିଶିଷ୍ଟ ବ୍ୟବସାୟୀ ଜ୍ଞାନରଞ୍ଜନ ସାହୁ, ମା' ମଙ୍ଗଳା ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ ଉପସ୍ଥିତ ଥିଲେ। ଅତିଥିମାନେ କହିଥିଲେ, ରକ୍ତଦାନ ହେଉଛି ଜୀବନ ଦାନ। ରକ୍ତ ଅଭାବରୁ କାହାର ଜୀବନ ନ ଯାଉ। ଆଜିର ଯୁବ ସମାଜ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଆଗେଇ ଆସିବା ଉଚିତ। ରକ୍ତଦାତା ପିଙ୍କନ ପରିଡ଼ା କହିଥିଲେ, ରକ୍ତର ବିକଳ୍ପ ନାହିଁ। ସେ ରକ୍ତଦାନ କରି ଖୁସି ଅଛନ୍ତି। ଏହି ଶିବିରରେ ୧୧୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କାକଟପୁର ଅଞ୍ଚଳର ୯୯ ଏବଂ ଅସ୍ତରଙ୍ଗ ଅଞ୍ଚଳର ୯ଜଣ ବରିଷ୍ଠ ନାଗରିକଙ୍କୁ ପୁରୀ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କାକଟପୁର ଥାନାର କର୍ମଚାରୀମାନେ ପରିଚାଳନା କରିଥିଲେ।

## 'ସାଆଣ ପଥରରୁ ସୃଷ୍ଟି କରାଯାଏ ଅଗ୍ନି'

କାକଟପୁର/ଅସ୍ତରଙ୍ଗ,୧।୨ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଗ୍ରାମରେ ରବିବାର ଅଗ୍ନି ଉତ୍ସବ ପାଳନ ହୋଇଥିବାବେଳେ ନିଆରା ପରମ୍ପରାର ଝଲକ ଦେଖିବାକୁ ମିଳିଛି। ଏକ ନିର୍ଦ୍ଦିଷ୍ଟ ଓଝା ପରିବାରଙ୍କ କମାରଶାଳର ସାଆଣ ପଥରରୁ ଅଗ୍ନି ସୃଷ୍ଟି କରାଯାଇ ସେହି ଅଗ୍ନି ଦ୍ୱାରା ଅଗିରେ ଅଗ୍ନି ସଂଯୋଗ କରାଯାଇଛି। କାହିଁ କେଉଁ କାଳରୁ ଏଭଳି ପରମ୍ପରା ଚାଲିଆସୁଛି। ପରମ୍ପରା ଅନୁଯାୟୀ, କେଲୁ ଓଝାଙ୍କ ଘର ନିକଟକୁ ଗ୍ରାମବାସୀ ଢୋଲ, ମହୁରି ଘଣ୍ଟଘଣ୍ଟା ବଜାଇ ଅଗ୍ନିଦେବତାଙ୍କୁ ପାଛୋଟି ନେବା ପାଇଁ ଆସିଥାନ୍ତି। ଓଝା ପରିବାରର ମୁଖ୍ୟ ଏକ ନଡ଼ାରେ ପ୍ରସ୍ତୁତ ପାଳ ଅଟେଇରେ କତା ଓ ଝୁଣା ଦେଇ ଶାଳ ପଥରରେ ଏକ ଲୁହାଖଣ୍ଡ ଘଷି ଅଗ୍ନି ପ୍ରସ୍ତୁତ କରିଥାନ୍ତି। ସେହି ଅଗ୍ନି ଅଟେଇକୁ ଢୋଲ ମହୁରି ସହ ଘଣ୍ଟ ଘଣ୍ଟା ବାଦ୍ୟରେ ଓଝା ପରିବାରର ମୁଖ୍ୟଙ୍କୁ ଅଗିମଣ୍ଡପକୁ ପାଛୋଟି ନେଇଥାନ୍ତି। ସେଠାରେ ପୁରୋହିତଙ୍କ ଦ୍ୱାରା ଅଗିଗଦାକୁ ପୂଜାର୍ଚ୍ଚନା କରାଯାଇ ଚାରିପାଖେ ପ୍ରଦକ୍ଷିଣ ପରେ ଅଗ୍ନି ସଂଯୋଗ କରାଯାଇଥାଏ। ଲୋକେ ଆଣିଥିବା ଆଳୁ, ବାଇଗଣ ଓ ନଡ଼ିଆ ସହ ସାହାଡ଼ା ଡାଳକୁ ପୋଡ଼ି ଘରକୁ ନେଇ ଚାଳରେ ରଖିଥାନ୍ତି। ଏହି ଅଗି ପୋଡ଼ା ପରିବା ଓ ନଡ଼ିଆ ଖାଇଲେ ଚର୍ମରୋଗ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି।

## ଗୁଟ୍ଖା କଳାବଜାର

ସାକ୍ଷୀଗୋପାଳ, ୧।୨(ଭରତ ରାଉତ)

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗୁଟ୍ଖା ବିକ୍ରି ଓ ଉତ୍ପାଦନ ନିଷେଧ ନେଇ ବିଜ୍ଞପ୍ତି ପ୍ରକାଶ ପରେ ସାକ୍ଷୀଗୋପାଳ ଅଞ୍ଚଳରେ ଗୁଟ୍ଖା କଳାବଜାର ଆରମ୍ଭ ହୋଇଯାଇଛି। ବଜାରରେ ଗୁଟ୍ଖା ଦେଖିବାକୁ ମିଳୁ ନଥିବାବେଳେ ଲୁଚାଛପାରେ ବିକ୍ରି ଚାଲିଛି। କେତେଜଣ ବ୍ୟବସାୟୀ ପ୍ରଚୁର ପରିମାଣର ଗୁଟ୍ଖା ଗଚ୍ଛିତ କରି ରଖିଥିବା ଚର୍ଚ୍ଚା ହେଉଛି। ଏ ଦିଗରେ ପୋଲିସ ଓ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ବରିଷ୍ଠ ନାଗରିକ ଦେବବ୍ରତ ମିଶ୍ର ଦାବି କରିଛନ୍ତି। ନିକୋଟିନ ବିହୀନ ପାନମସଲା ବନ୍ଦ ନିର୍ଦ୍ଦେଶକୁ ପ୍ରତ୍ୟାହାର କରିବା ଦୁର୍ଭାଗ୍ୟଜନକ ବୋଲି ସଚେତନ ନାଗରିକ ପବିତ୍ର କୁମାର ପରିଡ଼ା କହିଛନ୍ତି। ରାଜ୍ୟରେ ନିକୋଟିନ ପରୀକ୍ଷାଗାର ନ ଥିବାବେଳେ କେଉଁ ପାନମସଲା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ତାହା କିପରି ଚିହ୍ନଟ କରାଯିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଭାଗବତ ପାଠ ଆଧ୍ୟାତ୍ମିକ ଶକ୍ତି ଜାଗରଣ କରେ

ସାକ୍ଷୀଗୋପାଳ,୧।୨ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ)

ସାକ୍ଷୀଗୋପାଳ ମନ୍ଦିର ଏକାଦଶୀ ପାଳିଆ କମିଟି ଆନୁକୂଲ୍ୟରେ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଚାଲିଥିବା ତିନିଦିନ ବ୍ୟାପୀ ଶ୍ରୀମଦ୍ ଭାଗବତ ପାଠ ଓ ପ୍ରବଚନ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ସତ୍ୟବାଦୀ ଦାଶ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଭାପତି ବିଶ୍ୱନାଥ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଭାଗବତ ଜ୍ଞାନଯଜ୍ଞରେ ଭଜନ, କୀର୍ତ୍ତନ ଓ ପ୍ରବଚନ ସଭାରେ ବୃନ୍ଦାବନରୁ ଆସିଥିବା ସନ୍ଥ ଦୀନବନ୍ଧୁ ଦାସ ମହାରାଜ ଯୋଗଦେଇ ନିତ୍ୟ ଭାଗବତ ପାଠ, ଶ୍ରବଣ ଓ ଏକାଦଶୀ ବ୍ରତ ପାଳନ କରିବା ପ୍ରତ୍ୟେକ ସନାତନ ଧର୍ମାବଲମ୍ବୀଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ବୋଲି କହିଥିଲେ। ସନ୍ଥ ପରମାନନ୍ଦ ଦାସ ମହାରାଜ ଭକ୍ତି ମାର୍ଗ ଅନୁସରଣ କରି ମାନବ ସମାଜ ଠାକୁରଙ୍କ ନିକଟତର ହୋଇପାରିବ ବୋଲି କହିଥିଲେ। ସେହିପରି କଳିଯୁଗରେ ନାମ ମହିମାର ସଫଳତା ସମ୍ପର୍କରେ ପଣ୍ଡିତ ଟୁକୁନା କର ଆଲୋଚନା କରିଥିଲେ। କମିଟି ସଦସ୍ୟ ରବୀନ୍ଦ୍ରନାଥ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ସଂଯୋଜନା ଓ ସମ୍ପାଦକ ଲୋକନାଥ ବାରିକ ପରିଚାଳନା କରିଥିଲେ। ଏହି ଅବସରରେ ୧୧ ଜଣ ବୟୋଜ୍ୟେଷ୍ଠ ଏକାଦଶୀ ପାଳିଆ ରାମଚନ୍ଦ୍ର ନନ୍ଦ, ସତ୍ୟପ୍ରିୟ ମହାପାତ୍ର, ନିରଞ୍ଜନ ମହାପାତ୍ର, ଗୋଲକ ପ୍ରଧାନ, ଅଧିକାରୀ ସାହୁ, କାର୍ତ୍ତିକ ସାହୁ, ବେଣୁଧର ବେହେରା, ଲକ୍ଷ୍ମୀଧର ଜେନା, ବଳଭଦ୍ର ରାଉତରାୟ,ବ୍ରଜ କିଶୋର ପ୍ରଧାନ ଏବଂ ବୃନ୍ଦାବନ ଜେନାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

## 'କୃଷି ଓଡ଼ିଶା' ସମ୍ମାନରେ ସମ୍ମାନିତ ହେଲେ ନିମାପଡ଼ା ଚାଷୀ

ନିମାପଡ଼ା,୧।୨(ବିଚିତ୍ରାନନ୍ଦ ସାହୁ)



ଆର୍ତ୍ତବନ୍ଧୁ ମହାନ୍ତି

କୃଷିକ୍ଷେତ୍ରରେ ଉତ୍କର୍ଷତା ଉଲ୍ଲେଖନୀୟ ଅବଦାନ ପାଇଁ ନିମାପଡ଼ା ବ୍ଲକ ଅନ୍ତର୍ଗତ ବିଜିପୁର ଗ୍ରାମର ଜଣେ ସଫଳଚାଷୀ ଆର୍ତ୍ତବନ୍ଧୁ ମହାନ୍ତି 'କୃଷି ଓଡ଼ିଶା-୨୦୨୬' ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱରଠାରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ଏକ ସମାରୋହରେ ଜଣେ ଉଦୀୟମାନ ସଫଳଚାଷୀ ଭାବେ ଆର୍ତ୍ତବନ୍ଧୁଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ପୁରୀ ଜିଲା ଓ ନିମାପଡ଼ା ବ୍ଲକ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ଅବସରରେ ଆର୍ତ୍ତବନ୍ଧୁ ମହାନ୍ତିଙ୍କୁ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମାନପତ୍ର, ଟ୍ରଫି, ୧୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି। ଚଳିତ ଖରିଫ ଋତୁରେ ୧୦ଏକର ଜମିରେ ଉନ୍ନତ କିସମ ଧାନ ଭୂଲକ୍ଷ୍ମୀ ଏଗାର ଚାଷକରି ଭଲ ଅମଳ କରି ରେକର୍ଡ ସୃଷ୍ଟି କରିଥିବାରୁ ଜଣେ ସଫଳ ଚାଷୀ ଭାବେ ଆର୍ତ୍ତବନ୍ଧୁଙ୍କୁ କୃଷି ଓଡ଼ିଶା ସମ୍ମାନ ପ୍ରଦାନ କରାଯାଇଥିବା ସେ କହିଛନ୍ତି। ଆର୍ତ୍ତବନ୍ଧୁ ତାଙ୍କର ୬ ଏକର ଜମିରେ ଇଣ୍ଟିଗ୍ରେଟେଡ୍ ଫାର୍ମିଂ ମାଧ୍ୟମରେ ମଡର୍ନ ଟେକ୍ନୋଲୋଜି ପ୍ରୟୋଗ କରି ମାଛଚାଷ, ଆଳୁ, ଫୁଲ, ଘାସ, ବିଭିନ୍ନ କିସମର ଆମ୍ବ ଆଦି ଚାଷକରି ସ୍ଥାନୀୟ ଅଞ୍ଚଳ ପାଇଁ ଜଣେ ସଫଳ ଚାଷୀ ଭାବେ ଏକ ଉଦାହରଣ ପାଲଟିଛନ୍ତି। ଏହି ସଫଳତା ପାଇଁ ଚାଷୀ ମହାନ୍ତି ନିମାପଡ଼ା ଆତ୍ମା ଅଧ୍ୟକ୍ଷ ଦିଲ୍ଲୀପ ପରିଡ଼ା, ବ୍ଲକ କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟି, ଶ୍ରୀକାନ୍ତ ବଢ଼େଇ, ଉଦ୍ୟାନ ବିଭାଗ ଅଧିକାରୀ ଶୁଭଶ୍ରୀ କର, ଉଦ୍ୟାନ ସାଥୀ ମନୋଜ ସ୍ୱାଇଁ ପ୍ରମୁଖଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି।

# ସମ୍ପର୍କର ସେତୁ ବାନ୍ଧେ ମେଳା ମହୋତ୍ସବ

### 'ମୋ ଗାଁ ମୋ ଗର୍ବ' ଟାଇଟଲ ଗୀତ ଉନ୍ମୋଚିତ

କାକଟପୁର/ଅସ୍ତରଙ୍ଗ,୧।୨ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)



'ମୋ ଗାଁ ମୋ ଗର୍ବ ଟାଇଟଲ ଗୀତ ଉନ୍ମୋଚନ କରାଯାଉଛି ।

ଅସ୍ତରଙ୍ଗ ବ୍ଲକ ଆଳସାହି ନିକଟସ୍ଥ ଶ୍ରୀ ଶ୍ରୀ ଅଣାକାର ଗାଦିବ୍ରହ୍ମ ପୀଠରେ ଗତ ୨୩ ତାରିଖରୁ ଚାଲିଥିବା ମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପୀଠରେ ଯଜ୍ଞ ଉତ୍ସବ ସହ ସ୍ଥାନୀୟ ଅଞ୍ଚଳର କୁନି ପିଲାଙ୍କ ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷ ସନ୍ଧ୍ୟାରେ ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତି ନାୟକ, 'ମୋ ଗାଁ ମୋ ଗର୍ବ' ଆବାହକ ଇଂ.ଅରୁଣ କୁମାର ବିଶ୍ୱାଳ ଏବଂ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଅତିଥିମାନେ କହିଥିଲେ ମେଳା ମହୋତ୍ସବ କେବଳ ମନୋରଞ୍ଜନ ପାଇଁ ନୁହେଁ, ସ୍ଥାନୀୟ ଅଞ୍ଚଳର ବିକାଶ କ୍ଷେତ୍ରରେ ମଧ୍ୟ ଏହା ଗୁରୁତ୍ୱ ରଖେ। ମେଳା ମହୋତ୍ସବ ଦ୍ୱାରା ସ୍ଥାନୀୟ ଅଞ୍ଚଳର ପ୍ରତିଭା ଲୋକଲୋଚନକୁ ଆସିଥାନ୍ତି। ମୋ ଗାଁ ମୋ ଗର୍ବ ଆବାହକ ବିଶ୍ୱାଳ କହିଥିଲେ, ମାଘସପ୍ତମୀ ମେଳା ହେଉଛି ଏକତା, ବିଶ୍ୱାସ ଓ ଆମ ସାଂସ୍କୃତିକ ଐତିହ୍ୟର ଉତ୍ସବ। ଗ୍ରାମରେ ଶିକ୍ଷା,ସ୍ୱାସ୍ଥ୍ୟ ଓ ମୌଳିକ ସେବା ପହଞ୍ଚାଇବାକୁ ଏହି ଅନୁଷ୍ଠାନ ଏକ ଲୋକକୈନ୍ଦ୍ରିକ ସାମାଜିକ ଆନ୍ଦୋଳନ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ 'ମୋ ଗାଁ ମୋ ଗର୍ବ ଟାଇଟଲ ଗୀତ ଉନ୍ମୋଚିତ ହୋଇଥିଲା। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ପଦ୍ମଚରଣ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

### ଫ୍ରେଣ୍ଡ୍ସ ପାରାଡାଇଜକୁ ହରାଇଲା ମା' ଭୁଆଶୁଣୀ କ୍ଲବ

ନିମାପଡ଼ା,୧।୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ରାଜ୍ୟସ୍ତରୀୟ ୧୧ତମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ରବିବାର ଏକ ବର୍ଣ୍ଣାଢ୍ୟ ପରିବେଶରେ ଉଦ୍‌ଘାଟିତ ହୋଇଯାଇଛି।




ଅତିଥିମାନେ କୃତୀ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

ଉଦ୍‌ଘାଟନୀ ମ୍ୟାଚ୍‌ରେ ମା' ଭୁଆଶୁଣୀ କ୍ଲବ ବିଡ଼ାନାସୀ କଟକ ୧-୦ ଗୋଲରେ ଫ୍ରେଣ୍ଡ୍ସ ପାରାଡାଇଜ ଜଟଣୀକୁ ପରାସ୍ତ କରିଛି। ରେଫରି ଭାବେ ବିଜୟ କୁମାର ମଙ୍ଗରାଜ, ପ୍ରଫୁଲ୍ଲ କୁମାର ବେହେରା, ଗିରୀଶ କୁମାର ଜାନି, ସୁଶାନ୍ତ କୁମାର ରାଉତରାୟ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ବିଜୟୀ ବିଡ଼ାନାସୀ ଦଳର ଖେଳାଳି ସାହେବ ରାଉତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ଉଦ୍‌ଘାଟନ ସମାରୋହରେ ଅତିଥି ଭାବେ ଭାଜପା ନେତା ସମୀର ରଞ୍ଜନ ଦାଶ, ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ, ନିମାପଡ଼ା ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ, କ୍ରୀଡ଼ାବିତ୍ ମହେନ୍ଦ୍ର ସିଂ ଭାଟିଆ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ଧିରେନ ବରାଳ, ସମ୍ପାଦକ ଜୀବନାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ୍ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଫୁଟବଲ ସମ୍ପାଦକ ପ୍ରକାଶ ବରାଳ, କ୍ରୀଡ଼ାବିତ୍ ବିଶ୍ୱଜିତ ମଲ୍ଲିକ, ଜିତେଶ କାନୁନଗୋ, ରଶ୍ମିରଞ୍ଜନ ପଣ୍ଡା, ବେଣୁଧର ସ୍ୱାଇଁ ପ୍ରମୁଖ ଟୁର୍ନାମେଣ୍ଟର ସଂଯୋଜନା ଓ ପରିଚାଳନା କରିଥିଲେ। ସୋମବାର ଭୁବନେଶ୍ୱର ଗଣ୍ଡରପୁର ଦଳ ଓ ବାଲେଶ୍ୱର ମିଶନ ଟାଇଗର ମଧ୍ୟରେ ମ୍ୟାଚ୍ ହେବ।

केनरा बैंक Canara Bank सिंडिकेट Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ଆକ୍ଟ ୫୪) (ଏହାପରେ ଆକ୍ଟ କୁହାଯିବ)ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ, ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ **ଦଖଲ** କରିଛନ୍ତି । ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର ଭୁବନେଶ୍ୱର କଟକ ରୋଡ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଭୁବନେଶ୍ୱର କଟକ ରୋଡ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ଋଣଗ୍ରହୀତା: ମେସର୍ସ ଫୋଏନିକ୍ସ ଫିଲ୍ମ ଲାବ୍ସ ପ୍ରା.ଲିଃ.,** ଫ୍ଲାଟ୍ ନଂ.: ୪୬, ୨ୟ ମହଲା, ଇନ୍‌ଫୋସିଟି ରୋଡ୍, ପଟିଆ, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୪, **ନିର୍ଦ୍ଦେଶକମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ,** ପିତା: ୰ ରମାକାନ୍ତ ପଟ୍ଟନାୟକ, ହାଉସ ନଂ.: ୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା,** ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା,** ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ,** ପିତା: ୰ ରମାକାନ୍ତ ପଟ୍ଟନାୟକ, ହାଉସ୍ ନଂ.: ୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା,** ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା,** ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬, **୪) ଶ୍ରୀମତୀ ନମିତା ପଟ୍ଟନାୟକ,** ସ୍ୱାମୀ: ବିଜୟ କିଶୋର ବେହେରା, ଫ୍ଲାଟ୍ ନଂ.: ୨୯୪, ଫ୍ଲାଟ୍ ନଂ.: ୩୦୧, ତ୍ରିବିକ୍ରମ ଟେରାସ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬ | **କ) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଲକ୍ଷ୍ମୀସାଗର, ଥାନା ନଂ.: ୫୨, ଏସ୍ଆରଓ: ଭୁବନେଶ୍ୱର, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୩୦, ଲକ୍ଷ୍ମୀସାଗର-୧, ଖାତା ନଂ.: ୧୫୯୩/୩୪୦, ପ୍ଲଟ୍ ନଂ.: ୨୧୧୬, କ୍ଷେତ୍ର: ଏକର୦.୦୫୮ ଡିସିମିଲି, ଅନୁରୂପ ପ୍ଲଟ୍ ନଂ.: ୨୧୧୬, ଖାତା ନଂ.: ୧୦୭୫, କ୍ଷେତ୍ର ଏକର୦.୧୮୮ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୧୧୭ ଏବଂ ପ୍ଲଟ୍ ନଂ.: ୪୩୯୩(ଅଂଶ), ପଶ୍ଚିମ: ପ୍ଲଟ୍ ନଂ.: ୨୧୧୮ ଏବଂ ପ୍ଲଟ୍ ନଂ.: ୨୧୨୫(ଅଂଶ), ଉତ୍ତର: ରାସ୍ତା ଏବଂ ପ୍ଲଟ୍ ନଂ.: ୨୧୧୭, ଦକ୍ଷିଣ: ଏ ସମୁଖ ରାଓ, **CERSAI ID- 400022742250** / **ଖ) ୦୬.୧୧.୨୦୨୫ / ଗ) ୩୧.୦୧.୨୦୨୬ / ଘ) ଟ.୨୦,୩୨,୩୭୨/- (କୋଡିଏ ଲକ୍ଷ ବତିଶ ହଜାର ତିନି ଶହ ବାସ୍ତରୀ ଟଙ୍କା ମାତ୍ର)** ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

ସ୍ଥାନ: ଭୁବନେଶ୍ୱର, ତାରିଖ: ୩୧.୦୧.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ


ଇନ୍ଫୋସିଟି-ଶିଖରଚଣ୍ଡୀ ରାସ୍ତାରେ ରବିବାର ସକାଳେ ଅନୁଷ୍ଠିତ ପଥୋତ୍ସବରେ ସାମିଲ ହୋଇଥିବା ସହରବାସୀ।


ଶିଳ୍ପୀମାନେ ଲୋକନୃତ୍ୟ ପରିବେଷଣ କରି ଲୋକଙ୍କ ମନୋରଞ୍ଜନ କରୁଛନ୍ତି। (ଫଟୋ: ବିକାଶ ନାୟକ)

# ନୃତ୍ୟ, ଗୀତରେ ଝୁମିଲେ ସହରବାସୀ

## ତୃତୀୟ ପଥ ଉତ୍ସବ

ଭୁବନେଶ୍ୱର,୧୧୨(ବନ୍ଦନା ସେଠୀ)

ନୃତ୍ୟ, ଗୀତରେ ଦୁଲୁକିଲା ଇନ୍ଫୋସିଟି-ଶିଖରଚଣ୍ଡୀ ରାସ୍ତା। ଶୀତ ସାଙ୍ଗକୁ କୁହୁଡ଼ିଆ ପାଗରେ ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମର ମଜା ନେଇଥିଲେ ରାଜଧାନୀବାସୀ। ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଆୟୋଜିତ ଚଳିତ ବର୍ଷର ତୃତୀୟ ପଥ ଉତ୍ସବରେ ଝୁମିଲେ ସମସ୍ତେ। ୧ କି.ମି. ପର୍ଯ୍ୟନ୍ତ ମେଳିଥିଲା ମନୋରଞ୍ଜନର ପସରା। ଅତିଥିଙ୍କ ଅଭିଭାଷଣ ପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ପ୍ରଥମ ପରିବେଷଣ ନେଇ ମଞ୍ଚକୁ ଆସିଥିଲେ ହାସ୍ୟ ଅଭିନେତା ପ୍ରଜ୍ଞାନ ହୋତା ଓ ଶଙ୍କର ପ୍ରଧାନ। ପରେ ମଞ୍ଚରେ ଧୁମ୍ ମଚାଇଥିଲେ ପ୍ଲେ-ବ୍ୟାକ ସିଙ୍ଗର ରୁକୁ ସୁନା, ପ୍ରୀତିରେଖା ଓ ତାଙ୍କ ଟିମ୍। ରୁକୁଙ୍କ ସମ୍ବଲପୁରୀ ଗୀତ ଜଲୱାରେ ପୁରା ମସ୍‌ଗୁଲ ହୋଇଉଠିଥିଲା ଇନ୍ଫୋସିଟି ଅଞ୍ଚଳ। ଛୋଟ ଛୋଟ ଶିଶୁଙ୍କ ପାଇଁ ଏଥର ଅଧିକ ଖେଳକୁଦ ବ୍ୟବସ୍ଥା ହୋଇଥିଲା। ବିଭିନ୍ନ ସ୍ଥାନରେ ଲାଗିଥିବା ଫେସ୍ ପେଣ୍ଟିଂ ଷ୍ଟଲ ସାଙ୍ଗକୁ ଚିତ୍ରାଙ୍କନ ଷ୍ଟଲଗୁଡ଼ିକରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କଦ୍ୱାରା ରଙ୍ଗବେରଙ୍ଗ ଝୋଟିରେ ପୂରା ରାସ୍ତା ରଙ୍ଗୀନ ହୋଇ ଉଠିଥିଲା। ଦ୍ୱିତୀୟ ମଞ୍ଚରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ, ଅଭିନେତା ସବ୍ୟସାଚୀ ମିଶ୍ର, ଶୀତଳ, ପ୍ରେମାନନ୍ଦ ପ୍ରମୁଖ କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ସାଜିଥିଲେ। ପରେ ଡିଜେର ତାଳେ ତାଳେ ମତୁଆଲା ହୋଇଥିଲେ ଦେଖଣାହାରୀ। ପାରମ୍ପାରିକ ନୃତ୍ୟ, ଗୀତ ଓ ଖେଳକୁଦ ସହ ମାଲଖମ୍ବ, ଯୋଗ, କିଡ୍ସ କିଙ୍ଗଡମ, ପଜଲ ଗେମ, ଲୁଡୁ, ବାଘନାଚ ଓ ୩୬୦ ଡିଗ୍ରୀ କ୍ୟାମେରା, ସାଇକେଲିଂ, ସ୍କେଟିଂର ମଜ୍ଜା ନେଇଥିଲେ ସମସ୍ତେ। କାର୍ଯ୍ୟକ୍ରମରେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ତଥା ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱରକୁ ସରସ ସୁନ୍ଦର ଚିତ୍ତାକର୍ଷକ କରିବାକୁ ହେଲେ, ଆମକୁ ସ୍ୱଚ୍ଛ, ସବୁଜ ଓ ସଚେତନ ହେବାକୁ ପଡ଼ିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।








### ସ୍ୱଚ୍ଛ ସର୍ବେକ୍ଷଣରେ ଯୁବବର୍ଗ ସହାୟତାର ହାତ ବଢ଼ାଇବାକୁ ଆହ୍ୱାନ

୨୦୨୫-୨୬ ପାଇଁ ସ୍ୱଚ୍ଛ ସର୍ବେକ୍ଷଣ ଚାଲିଛି। ଏଥର ବିଏମ୍‌ସି ଯେପରି ଦେଶରେ ପ୍ରଥମ ହେବ ସେଥିପାଇଁ ଭୁବନେଶ୍ୱରବାସୀ ବିଶେଷକରି ଯୁବବର୍ଗ ସହାୟତାର ହାତ ବଢ଼ାଇବା ପାଇଁ ପଥ ଉତ୍ସବ ମଞ୍ଚରେ ମେୟର ଏବଂ କମିଶନର ଆହ୍ୱାନ ଦେଇଛନ୍ତି। ନିଜ ନିଜ ସୋସିଆଲ ମିଡିଆ ହ୍ୟାଣ୍ଡଲରେ ବିଏମ୍‌ସି ପକ୍ଷରୁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ପୋଷ୍ଟ କରିବା ଏବଂ ଆଗାମୀ ଦିନରେ ଭୁବନେଶ୍ୱର ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରି ଗଢ଼ିତୋଳିବା ପାଇଁ ସହଯୋଗର ହାତ ବଢ଼ାଇବାକୁ ସେମାନେ ଅନୁରୋଧ କରିଥିଲେ।

## ବଜେଟ ପ୍ରତିକ୍ରିୟା

### ମହିଳାମାନେ ଆତ୍ମନିର୍ଭରଶୀଳ ହେବାକୁ ଅଧିକ ସୁଯୋଗ



"୨୦୨୬-୨୭ ବଜେଟରେ ମହିଳାଙ୍କୁ ସ୍ୱାବଲମ୍ବୀ ହେବାକୁ ଅଧିକ ସୁଯୋଗ ଦେବାକୁ ବ୍ୟବସ୍ଥା ହୋଇଛି। ବିଶେଷକରି ମହିଳା ଉଦ୍ୟୋଗୀ ସୃଷ୍ଟିକୁ ଗୁରୁତ୍ୱ ଦିଆଯାଇଥିବାରୁ ଖୁସି ଲାଗୁଛି। ଏଥିପାଇଁ ସେମାନଙ୍କୁ ବ୍ୟାଙ୍କରୁ ସହଜରେ ଓ କମ୍ ସୁଧରେ ଋଣ ମିଳିଯିବ। ଘରେ ବସୁଥିବା ମହିଳାମାନେ ସ୍ୱୟଂସହାୟକ ଗୋଷ୍ଠୀରେ ସାମିଲ ହୋଇ ରୋଜଗାରକ୍ଷମ ହୋଇପାରିବେ। ସେମାନେ କ୍ଷୁଦ୍ର ବ୍ୟବସାୟ କରି ନିଜେ ରୋଜଗାର କରିବା ସହିତ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ। ବଜେଟରେ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ଯୋଜନା ହୋଇଥିବାରୁ ସ୍ୱାଗତ କରୁଛି।

–ଦିପ୍ତୀମୟୀ ଦାଶ, ଗୃହିଣୀ

### ସାର୍ବଜନୀନ ଶିକ୍ଷାକୁ ସମାପ୍ତ କରିବା ପାଇଁ ଉଦ୍ଦିଷ୍ଟ



"୨୦୨୬-୨୭ କେନ୍ଦ୍ର ବଜେଟ ସମ୍ପୂର୍ଣ୍ଣ ଛାତ୍ର ବିରୋଧୀ। ଏହାକୁ ଅଖିଳ ଭାରତ ଛାତ୍ର ସଂଘ ଓଡ଼ିଶା ରାଜ୍ୟ ପରିଷଦ ଦୃଢ଼ ଭାବେ ପ୍ରତ୍ୟାଖ୍ୟାନ କରୁଛି। ପୂର୍ବଭଳି ଶିକ୍ଷା କ୍ଷେତ୍ର ପ୍ରତି ଆର୍ଥିକ ଅବହେଳା ବଜାୟ ରହିଛି। ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଉପସ୍ଥାପିତ ପ୍ରକୃତ ଆବଶ୍ୟକତା ପୂରଣ କରିବାରେ ଏହି ବଜେଟ ସମ୍ପୂର୍ଣ୍ଣ ବିଫଳ। ଉଚ୍ଚଶିକ୍ଷା ପାଇଁ ୫୫,୭୨୭ କୋଟି ଟଙ୍କା ରଖାଯାଇଛି, ଯାହା ମନ୍ତ୍ରଣାଳୟର ଆନୁମାନିକ ଆବଶ୍ୟକତା ୭୮,୪୯୬.୨୨ କୋଟି ଟଙ୍କାଠାରୁ ବହୁତ କମ୍। ୨୦୨୩-୨୪ରେ ବ୍ୟୟ ବରାଦ ହୋଇଥିବା ୫୫,୩୯୨.୬୮କୋଟି ତୁଳନାରେ ବର୍ତ୍ତମାନର ମହଙ୍ଗା ଯୁଗରେ ଏହା କେବଳ ପ୍ରହସନ ବୋଲି କୁହାଯିବ। ଶିକ୍ଷା କ୍ଷେତ୍ରରେ ଆବଶ୍ୟକ ଅର୍ଥ ବିନିଯୋଗ ନ ହେବା ଓ ପୂର୍ବ ବ୍ୟୟଠାରୁ ନିରନ୍ତର କମ୍ ବିନିଯୋଗ କରିବା ସାର୍ବଜନୀନ ଶିକ୍ଷା ଓ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନଷ୍ଟ କରିବା ଲାଗି ଭାଜପା ସରକାରଙ୍କ ଏହି ବଜେଟ ଉଦ୍ଦିଷ୍ଟ।

–ସଂଘମିତ୍ରା ଜେନା, ରାଜ୍ୟ ସଭାପତି, ଏଆଇଏସ୍‌ଏଫ୍

### କେନ୍ଦ୍ରୀୟ ବଜେଟ ସମ୍ପୂର୍ଣ୍ଣ ଶ୍ରମିକ, କର୍ମଚାରୀ ବିରୋଧୀ



"ଚଳିତ ବଜେଟ୍‌ରେ ଗରିବ ଚାଷୀ, ମୂଲିଆ ବିଶେଷକରି ଶ୍ରମିକ ଓ ସ୍କିମ୍ ୱାର୍କରମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ଅବହେଳା କରାଯାଇଛି। ଶ୍ରମିକ, କର୍ମଚାରୀ ବିରୋଧୀ ଏହି ବଜେଟରେ ସାଧାରଣ ଜନମାନସକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରାଯାଇଛି। ମହାତ୍ମାଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନାରେ ମହାତ୍ମାଗାନ୍ଧୀ ନାମକୁ ହଟାଇ ଦିଆଯାଇଥିବାବେଳେ ବର୍ତ୍ତମାନ ମହାତ୍ମାଗାନ୍ଧୀ ଗ୍ରାମ୍ୟ ସ୍ୱରାଜ୍ୟ ନାମରେ ନୂତନ ଯୋଜନା କରି ଦେଶବାସୀଙ୍କ ମନରେ ବିଭ୍ରାନ୍ତି ସୃଷ୍ଟି କରାଯାଇଛି। ଦେଶରେ ବିଭିନ୍ନ ସ୍କିମ୍‌ରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ, ସହାୟିକା, ଆଶାକର୍ମୀ ଓ ମଧ୍ୟାହ୍ନଭୋଜନ ପାଚିକା ସହାୟିକାଙ୍କ ଭତ୍ତା ବୃଦ୍ଧି, ୱାର୍କରଷ୍ଟାଟସ୍ ଓ ପେନ୍‌ସନ୍ ସମ୍ପର୍କରେ ବଜେଟ୍‌ରେ କୌଣସି ପ୍ରସ୍ତାବ ନାହିଁ। ଦରଦାମ୍ ହୁହୁ ହୋଇ ବଢୁଥିବାବେଳେ ଏହାକୁ ନିୟନ୍ତ୍ରଣ ଓ ଟିକସ ହ୍ରାସ କରିବା ସମ୍ପର୍କରେ କୌଣସି ଆନ୍ତରିକତା ନ ଥିବା ଭଳି ଲାଗୁଛି।

–ବିଜୟ ଜେନା, ସାଧାରଣ ସମ୍ପାଦକ, ଏଆଇଟିୟୁସି

### ବଜେଟ ଓ ପ୍ରକୃତ ସ୍ଥିତି ଭିନ୍ନ



"କେନ୍ଦ୍ର ବଜେଟରେ ଯୋଗ ସହିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟକୁ ଗୁରୁତ୍ୱ ଦିଆଯାଇଥିବାବେଳେ ବଜେଟ ପୂର୍ବରୁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଗୁଡ଼ିକୁ ବନ୍ଦ କରି ଦିଆଯିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଭଡ଼ା ଘରେ ଚାଲିଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଭଡ଼ା ନ ଦେବା, ପରୀକ୍ଷା କେନ୍ଦ୍ର, ଯୋଗ ଓ ଫିଜିଓଥେରାପି ବ୍ୟବସ୍ଥାକୁ ବନ୍ଦ କରି ଦେବା ଭଳି ପଦକ୍ଷେପ ନିଆଯାଇଛି। କେବଳ କାଗଜପତ୍ରରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟକୁ ଗୁରୁତ୍ୱ ଦିଆଯାଇଥିବାବେଳେ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ ରହିଛି। ସେହିପରି ବଜେଟରେ ସୁନା ଓ ରୁପାର ଦର ନିୟନ୍ତ୍ରଣ ପାଇଁ କିଛି ବ୍ୟବସ୍ଥା ନାହିଁ। ଗରିବ ଲୋକଟିଏ ନିଜ ଝିଅ ବାହଘର ପାଇଁ ସୁନା ଓ ରୁପା କିଣି ପାରୁନାହାନ୍ତି। ଶିକ୍ଷା କ୍ଷେତ୍ରରେ ସେଭଳି କିଛି ଆଖି ଦୃଶିଆ ପଦକ୍ଷେପ ନିଆଯାଇନାହିଁ।

–ଦିଲୀପ ଦାଶଶର୍ମା, ଆଇନ୍‌ଜୀବି

### ବଜେଟ୍‌ରେ ସମସ୍ୟା ସମାଧାନର କୌଣସି ସୂତ୍ର ନାହିଁ



"ବଜେଟ୍‌ରେ ଦରଦାମ୍ ନିୟନ୍ତ୍ରଣ ଭଳି ମୁଖ୍ୟ ସମସ୍ୟା ସମାଧାନର କୌଣସି ସୂତ୍ର ନାହିଁ। ସ୍ୱଷ୍ଟତା ସ୍ଥାନରେ ବଜେଟ୍‌ଟି ଉଦ୍ଦେଶ୍ୟପୂର୍ଣ୍ଣ ଅସ୍ୱଷ୍ଟତାରେ ଭରି ରହିଛି। ଅର୍ଥମନ୍ତ୍ରୀ ପ୍ରମୁଖ ପ୍ରଚାରିତ ଯୋଜନାଗୁଡ଼ିକ ପାଇଁ ଯୋଜନାଭିତ୍ତିକ ଅର୍ଥ ବଣ୍ଟନ ଦେଖାଇବାରୁ ବିରତ ରହିଛନ୍ତି। ଦେଶୀୟ ଖର୍ଚ୍ଚ (ଡୋମେଷ୍ଟିକ କଞ୍ଜପ୍‌ଶନ) ଭାରତର ଆର୍ଥିକ ଅଭିବୃଦ୍ଧିର ପ୍ରଧାନ ଆଧାର ବୋଲି ଅର୍ଥନୈତିକ ସମୀକ୍ଷା ରିପୋର୍ଟରେ ଅର୍ଥମନ୍ତ୍ରୀ ନିଜେ ମାନିଛନ୍ତି। ମାତ୍ର ବଜେଟ ଚାହିଦା ବୃଦ୍ଧି ପାଇଁ କୌଣସି ପଦକ୍ଷେପ ନେଇପାରି ନାହାଁନ୍ତି। ସେହିପରି କୃଷି ସଙ୍କଟ ଦିନକୁ ଦିନ ଗଭୀର ହେଉଥିବାବେଳେ ଏନେଇ କୌଣସି ବ୍ୟବସ୍ଥା କରାଯାଇନାହିଁ। ଭାରତର ଉତ୍ପାଦନ କ୍ଷେତ୍ର ସାମଗ୍ରିକ ରୋଜଗାର ସୃଷ୍ଟି କରୁଥିବାବେଳେ ସେଥିରେ ସନ୍ତୋଷଜନକ ବୃଦ୍ଧି କରାଯାଇ ନାହିଁ।

–ଜୟନ୍ତ ଦାସ, ସହ ସମ୍ପାଦକ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି

# ଓଲଟିଲା କଂକ୍ରିଟ ମିକ୍ସର ଗାଡ଼ି

ବାଲିଅନ୍ତା,୧୧୨
(ନୀଳମାଧବ ସାହୁ)

ଭୁବନପୁର-ଭିଙ୍ଗାରପୁର ଜଳସେଚନ ବିଭାଗ ରାସ୍ତାର ବଇଚୁଆ କାଜ ନିକଟରେ ରବିବାର ଏକ କଂକ୍ରିଟ ମିକ୍ସର ଗାଡ଼ି ଭାରସାମ୍ୟ ହରାଇ ଓଲଟିପଡ଼ିଛି। ଫଳରେ ଗାଡ଼ି ଭିତରେ ଚାଳକ ଓ ସହଯୋଗୀ ଚାପି ହୋଇଯାଇଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନୀୟ ହସ୍ପିଟାଲକୁ ପଠାଇଛନ୍ତି।

କାଜ ନିକଟସ୍ଥ ଧନୁଆ ନଦୀରେ ଏକ ବ୍ରିଜ ନିର୍ମାଣ କାର୍ଯ୍ୟ ଚାଲୁଥିବା ଯୋଗୁଁ ଲୋକେମାନେ ଏକ ଅସ୍ଥାୟୀ ରାସ୍ତା ଦେଇ ଯାତାୟାତ କରୁଥିଲେ। ରାସ୍ତାଟିର ଦୂରବସ୍ଥାକୁ ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ସ୍ଥାନୀୟ ନିମାପଡ଼ା ଶାଖା କେନାଲର ପାଚେରି କାର୍ଯ୍ୟ ନିମନ୍ତେ ଭୁବନେଶ୍ୱର ପ୍ଲାଣ୍ଟରୁ ସିମେଣ୍ଟ ଓ ଗୋଡ଼ିମିଶା କଂକ୍ରିଟ ନେଇ ଗାଡ଼ିଟି ଆସୁଥିଲା। କାଜ ନିକଟରେ ଥିବା ଉଠାଣି ଜାଗାରେ ହଠାତ୍ ରାସ୍ତାଟି ଦବି ଯିବାରୁ ଭାରସାମ୍ୟ ହରାଇ ଗାଡ଼ିଟି ଡାହାଣ ପାର୍ଶ୍ୱକୁ ଓଲଟି ପଡ଼ିଥିଲା।

# ଅତ୍ୟାଚାର, ଶୋଷଣର କଥା ବଖାଣିଲା 'ଜୀବନ୍ୟାସ'


କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ 'ଜୀବନ୍ୟାସ'ର ଏକ ଦୃଶ୍ୟ।

ଭୁବନେଶ୍ୱର,୧୧୨(ସୌମ୍ୟରଞ୍ଜନ ରାଉତ)

ବେତାଳିଗାଁର ଚାଷୀ ଜମିଦାର ଧନେଶ୍ୱର ମହାନ୍ତି ପୋଲିସ ଓ ବାବାଙ୍କ ମାଧ୍ୟମରେ ଲୋକଙ୍କୁ ଲୁଣ୍ଠନ କରନ୍ତି। ହେଲେ ଥରେ ୧୫୮ ନମ୍ବର ଜଗତ୍‌ଗୁରୁ ଉଦ୍‌ଭଟାଚାର୍ଯ୍ୟ ପାଦରେ ଚାଲିଚାଲି ଜଙ୍ଗଲ ଦେଇ ଧନେଶ୍ୱର ମହାନ୍ତି ଘରକୁ ଯାଉଥାନ୍ତି। ବାଟରେ ଏକ ଖପୁରୀକୁ ଜୀବନ୍ୟାସ ମନ୍ତ୍ର ବଳରେ ମଣିଷ କରିଦିଅନ୍ତି। ଜଣାପଡ଼େ ଯେ ସେ ଲୋକଟି ୨୬୦ ବର୍ଷ ତଳର ମଡ଼ା। ଜୀବନ ପାଇବା ପରେ ସିଏ ରହିବାକୁ ଘର, ଖାଇବାକୁ ଖାଦ୍ୟ, ପିନ୍ଧିବାକୁ ବସ୍ତ୍ର ମାଗନ୍ତି। ପ୍ରକୃତରେ ତା'କୁ କ'ଣ ଏସବୁ ମିଳିଛି। ଏଭଳି ଏକ କାହାଣୀକୁ ନେଇ ବିଜୁ ନାଟ୍ୟ କେନ୍ଦ୍ରଠାରେ ମଞ୍ଚସ୍ଥ ହୋଇଛି ଧୀର ମଲ୍ଲିକଙ୍କ ରଚିତ ସନ୍ତୋଷ ମହାନ୍ତିଙ୍କ ନିର୍ଦ୍ଦେଶିତ ଓ ଶତାବ୍ଦୀର କଳାକାର ଦ୍ୱାରା ପରିବେଷିତ ନାଟକ 'ଜୀବନ୍ୟାସ'। ଏଥିରେ ରାକେଶ, ଚନ୍ଦନ, ସଂଗ୍ରାମ, ତୋଫାନ, ସୀମାଞ୍ଚଳ, ପିଣ୍ଟୁ, ବିକାଶ, ରାଜ, ଆଦିତ୍ୟ, ଅମନ, ଶୁଭମ, ସକଳେଶ୍ୱର, ଗଣେଶ, ବିଘ୍ନରାଜ, ମିହିର, ସୁଜିତ୍, କଳ୍ପନା ପ୍ରମୁଖ କଳାକାର ଅତି ସୁନ୍ଦର ଅଭିନୟ କରିଥିଲେ। ଅତିଥିଭାବେ ସଙ୍ଗୀତ ନିର୍ଦ୍ଦେଶକ ବସନ୍ତ କୁମାର ସାହୁ, ନାଟ୍ୟକାର ବିଜୟ ଦାସ, ଗୀତିକାର ଲଳିତ ନାରାୟଣ ରଥ, ସଭାପତି ଗୌରହରି ଦାସ, ସାଧାରଣ ସମ୍ପାଦକ ଧୀର ମଲ୍ଲିକ, କାର୍ଯ୍ୟକାରୀ ସଭାପତି ବିଘ୍ନରାଜ ଜେନା ଉପସ୍ଥିତ ଥିଲେ।

# ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ୩୧ ପୁରସ୍କାର

ବାରଙ୍ଗ,୧୧୨(ଲିଙ୍ଗରାଜ ରାଉତ)

ନାଲକୋରେ ଅନୁଷ୍ଠିତ ଫୁଲ ପ୍ରଦର୍ଶନୀରେ ରାଜ୍ୟ ଉଦ୍ଭିଦ ଉଦ୍ୟାନ ଉତ୍କୃଷ୍ଟତା ପ୍ରଦର୍ଶନ କରିଛି। ଏହି ଅବସରରେ ପାତ୍ରଯୁକ୍ତ ଗଛ ଏବଂ କଟାଫୁଲ ବର୍ଗରେ ଉଦ୍ଭିଦ ଉଦ୍ୟାନ ମୋଟ୩୧ଟି ପୁରସ୍କାର ହାସଲ କରିଛି। ସେଥିପାଇଁ ଉଦ୍ୟାନକୁ ୧୫ଟି ପ୍ରଥମ ପୁରସ୍କାର, ୭ଟି ଦ୍ୱିତୀୟ ପୁରସ୍କାର ଏବଂ ୮ଟି ମେରିଟ ପୁରସ୍କାର ସହିତ କଟାଫ୍ଲାୱାର ବିଭାଗରେ ସମ୍ମାନଜନକ କିଙ୍ଗ୍ ଅଫ୍ ଦି ଶୋ ଟାଇଟଲ ହାସଲ କରିବାରେ ସକ୍ଷମ ହୋଇଛି ବୋଲି ଉପ-ନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

# ଝୋଟ ସାମଗ୍ରୀର ପ୍ରସାର ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୧୨(ଅନୁରାଧା ମହାରଣା)



ଭାରତ ସରକାରଙ୍କ ବୟନ ମନ୍ତ୍ରଣାଳୟ ଅଧୀନ ଟେକ୍ସଟାଇଲ୍ସ କମିଟି ଏବଂ ନ୍ୟାଶନାଲ ଜୁଟ୍ ବୋର୍ଡ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଜୁଟ୍ ମାର୍କ ଇଣ୍ଡିଆ (ଜେଏମ୍‌ଆଇ) ଯୋଜନା ଅଧୀନରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ନିର୍ଦ୍ଦେଶକ ପି. କେ. ଗୁପ୍ତା ଯୋଗଦେଇଥିଲେ। ଉଦ୍‌ଘାଟନୀ ଭାଷଣରେ ସେ ଝୋଟ ଏକ ସ୍ଥାୟୀ ଓ ପରିବେଶ ଅନୁକୂଳ ତନ୍ତୁ ଭାବେ ବର୍ଣ୍ଣନା କରି ଜୁଟ୍ ମାର୍କ ଇଣ୍ଡିଆ ଭଳି ପ୍ରମାଣପତ୍ର ଯୋଜନା ଗ୍ରାହକଙ୍କ ବିଶ୍ୱାସ ବୃଦ୍ଧି, ବଜାର ପ୍ରବେଶ ସୁଗମ କରିବା ଏବଂ କାରିଗର ଓ ଉତ୍ପାଦକଙ୍କ ଜୀବିକାନିର୍ବାହକୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିବା କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଭୁବନେଶ୍ୱର ନାବାର୍ଡର ଚିଫ୍ ଜେନେରାଲ ମ୍ୟାନେଜର ସଞ୍ଜୟ କୁମାର ତାଲୁକଦାର ଯୋଗଦେଇ ଝୋଟ ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବାରେ ଋଣ ଓ ଆର୍ଥିକ ସହାୟତାର ଭୂମିକା ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ଓର୍ମାସ କଟକର ଯୁଗ୍ମମୁଖ୍ୟ ନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ ଝୋଟ ଆଧାରିତ ଉତ୍ପାଦର ବଜାର ସଂଯୋଗ ଓ ପ୍ରଚାର ସମ୍ପର୍କରେ ଆଲୋଚନା କରିଥିଲେ। କୋଲକାତାସ୍ଥିତ ଟେକ୍ସଟାଇଲ୍ସ କମିଶନର କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ବି. କେ. ସାହୁ ଜୁଟ୍ ମାର୍କ ଇଣ୍ଡିଆ ସହ ଅନ୍ୟାନ୍ୟ ଯୋଜନା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଟେକ୍ସଟାଇଲ୍ସ କମିଟିର ସହକାରୀ ନିର୍ଦ୍ଦେଶକ ନିଶାନ୍ତ ମେହେନ୍ଦ୍ରାସ ଟେକ୍ସଟାଇଲ୍ସ କମିଟିର କାର୍ଯ୍ୟକ୍ରମ ଓ ଜୁଟ୍ ମାର୍କ ଇଣ୍ଡିଆ ଯୋଜନାର ଉଦ୍ଦେଶ୍ୟ ବିଷୟରେ ସଂକ୍ଷେପରେ ବର୍ଣ୍ଣନା କରିଥିଲେ। ଭୁବନେଶ୍ୱର ଟେକ୍ସଟାଇଲ୍ସ କମିଟି ଇନ୍‌ଚାର୍ଜ ପ୍ରଦୀପ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଟେକ୍ନିକାଲ ଅଧିବେଶନରେ ଟେକ୍ସଟାଇଲ୍ସ କମିଟିର ସହକାରୀ ନିର୍ଦ୍ଦେଶକ ସନ୍ତୋଷ ପି. ଶିନ୍ଦେ ଜେଏମ୍‌ଆଇ ଲେଭଲର କ୍ୟୁଆର୍ କୋଡ୍ ଆଧାରିତ ଟ୍ରାକିଙ୍ଗ୍ ପ୍ରଣାଳୀ ପ୍ରଦର୍ଶନ କରିଥିଲେ। ଏହାପରେ ହ୍ୟାଣ୍ଡଲୁମ୍ ବିକାଶ କମିଶନର କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ବିକାଶ କୁମାର ବୁଣାକାରଙ୍କ ପାଇଁ ସରକାରୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ପ୍ରଦୀପ ଦାଶ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଝୋଟ ଉଦ୍ୟୋଗୀ, ନିର୍ମାତା, କାରିଗର, ସ୍ୱୟଂ ସହାୟକ ଗୋଷ୍ଠୀ, ବେସରକାରୀ ସଙ୍ଗଠନ, ସରକାରୀ ଅଧିକାରୀ ଅଂଶଗ୍ରହଣ କରିଥିଲେ।

# 'କଫି, କଥା ଓ କବିତା'ର ପୋଷ୍ଟ ଉନ୍ମୋଚିତ


'କଫି, କଥା ଓ କବିତା'ର ୧୦ମ ସଂସ୍କରଣକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୧୨(ସୌମ୍ୟରଞ୍ଜନ ରାଉତ)

କଳିଙ୍ଗ ଭାଷା ମୁକ୍ତମଞ୍ଚ ପକ୍ଷରୁ ବିଜେବି ନଗରସ୍ଥିତ ସୋର୍ ଷ୍ଟୁଡିଓଠାରେ ଏକ ଭିନ୍ନଧରଣର କାର୍ଯ୍ୟକ୍ରମ 'କଫି ବ୍ରେକ୍ ୨.୦' ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନେକ ସାହିତ୍ୟପ୍ରେମୀ ଯୋଗଦେଇ କବିତା, ଗପ, ଗୀତିକୁ ଭରପୂର ଉପଭୋଗ କରିଥିଲେ। ଏହି ଅବସରରେ 'କଫି, କଥା ଓ କବିତା'ର ୧୦ମ ସଂସ୍କରଣର ପୋଷ୍ଟ ଉନ୍ମୋଚିତ ହୋଇଥିଲା। ପରେ ସମସ୍ତ ସାହିତ୍ୟପ୍ରେମୀଙ୍କୁ ମାନପତ୍ର ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଭାବେ ଗୀତିକାର ସୁମିତ୍ ପଣ୍ଡା, ଯୁବ ଲେଖକ ସ୍ୱରୂପ କୁମାର ନାୟକ ଯୋଗଦେଇ ସାହିତ୍ୟ ପ୍ରେମୀଙ୍କ ଭଲପାଇବା ପାଇଁ କାର୍ଯ୍ୟକ୍ରମର ସଫଳତାର ଧାରା ଆଗକୁ ଅବ୍ୟାହତ ରହିବ ବୋଲି ଆଶାବ୍ୟକ୍ତ କରିଥିଲେ। କବି ବେଦପ୍ରକାଶ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ନାଟେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ବେଗୁନିଆ,୧।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ହଜ ଗ୍ରାମସ୍ଥିତ ନାଟେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇ ରବିବାର ଉଦ୍‌ଯାପିତ ହୋଇଯାଇଛି। ନାଟେଶ୍ୱର ଦେବଙ୍କ ପୁରାତନ ପରମ୍ପରା ଅନୁଯାୟୀ ଗ୍ରାମ ନିକଟ ବିଭିନ୍ନ ମନ୍ଦିରରେ ପୂଜିତ ଠାକୁରଙ୍କୁ ଅତିଥି ଠାକୁର ଭାବେ ଯଜ୍ଞପୀଠକୁ ନିମନ୍ତ୍ରିତ ହୋଇ ଆସିଥିଲେ। ଯଜ୍ଞ ବିଧିମୁତାବକ ଅଙ୍କୁରାରୋପଣ, ମଣ୍ଡଳକରଣ, କଳସ ଯାତ୍ରା, ଅଗ୍ନି ସ୍ଥାପନା, ଆହୁତି ପ୍ରଦାନ ଆଦି ସମ୍ପନ୍ନ ହୋଇଯାଇଛି। ଶନିବାର ସୂର୍ଯ୍ୟ ପୂଜା, ଗୋ ପୂଜା, ଶିବମନ୍ତ୍ର ଉଚ୍ଚାରଣରେ ରବିବାର ପୂର୍ଣ୍ଣାହୁତି ପ୍ରଦାନ ସମ୍ପନ୍ନ ହେବା ପରେ ଅପରାହ୍ନରେ ଉଦ୍‌ଯାପିତ ହୋଇଥିଲା।

### ବୃନ୍ଦାବତୀଙ୍କ ପୀଠରେ ହରେକୃଷ୍ଣ ଉତ୍ସବ

ବେଗୁନିଆ,୧।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ କୁଶପଲ୍ଲା ଗ୍ରାମର ଗୁଡ଼ିଆସାହିସ୍ଥିତ ବୃନ୍ଦାବତୀଙ୍କ ପୀଠରେ ୧୧ଶ ବାର୍ଷିକ ହରେକୃଷ୍ଣ ଉତ୍ସବ ଶନିବାରଠାରୁ ଆୟୋଜିତ ହୋଇଛି। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ସମ୍ପନ୍ନ ହୋଇଥିଲା। ରବିବାର ହରିନାମ ସଂକୀର୍ତ୍ତନ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ୫ଦଳ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଅଷ୍ଟପ୍ରହର ନାମଯଜ୍ଞ ଜପ କରିଥିଲେ। ସୋମବାର ନଗର ପରିକ୍ରମା ପରେ ଉଦ୍‌ଯାପନ ହେବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି।

### 'କଫି, କଥା ଓ କବିତା'ର ପୋଷ୍ଟ ଉନ୍ମୋଚିତ

ଭୁବନେଶ୍ୱର,୧।୨ (ସୌମ୍ୟରଞ୍ଜନ ରାଉତ)

କଳିଙ୍ଗ ଭାଷା ମୁକ୍ତମଞ୍ଚ ପକ୍ଷରୁ ବିଜେବି ନଗରସ୍ଥିତ ସୋର୍ ଷ୍ଟୁଡିଓଠାରେ ଏକ ଭିନ୍ନଧରଣର କାର୍ଯ୍ୟକ୍ରମ 'କଫି ବ୍ରେକ୍ ୨.୦' ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନେକ ସାହିତ୍ୟପ୍ରେମୀ ଯୋଗଦେଇ କବିତା, ଗପ, ଗୀତିକୁ ଭରପୂର ଉପଭୋଗ କରିଥିଲେ। ଏହି ଅବସରରେ 'କଫି, କଥା ଓ କବିତା'ର ୧୦ମ ସଂସ୍କରଣର ପୋଷ୍ଟ ଉନ୍ମୋଚିତ ହୋଇଥିଲା। ପରେ ସମସ୍ତ ସାହିତ୍ୟପ୍ରେମୀଙ୍କୁ ମାନପତ୍ର ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଭାବେ ଗୀତିକାର ସୁମିତ୍ ପଣ୍ଡା, ଯୁବ ଲେଖକ ସ୍ୱରୂପ କୁମାର ନାୟକ ଯୋଗଦେଇ ସାହିତ୍ୟ ପ୍ରେମୀଙ୍କ ଭଲପାଇବା ପାଇଁ କାର୍ଯ୍ୟକ୍ରମର ସଫଳତାର ଧାରା ଆଗକୁ ଅବ୍ୟାହତ ରହିବ ବୋଲି ଆଶାବ୍ୟକ୍ତ କରିଥିଲେ। କବି ବେଦପ୍ରକାଶ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଯୁବ ଆଇନଜୀବୀ କଠିନ ଅଧ୍ୟବସାୟ କରନ୍ତୁ'

### ଜିଲାସ୍ତରୀୟ ଅଧିବକ୍ତାଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଶୀର୍ଷକ କର୍ମଶାଳା

ଖୋର୍ଦ୍ଧା,୧।୨(ପ୍ରଭାତ ପାଣିଗ୍ରାହୀ)



କର୍ମଶାଳାରେ ଉପସ୍ଥିତ ଅତିଥି ଏବଂ ଆଇନଜୀବୀ।

ଅଧିବକ୍ତା ପରିଷଦ ଖୋର୍ଦ୍ଧା ଜିଲା ଆନୁକୂଲ୍ୟରେ ଜିଲାସ୍ତରୀୟ ଅଧିବକ୍ତାଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଶୀର୍ଷକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ପ୍ରଦୀପ୍ତ ମୋହନ ରାଜଗୁରୁଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ଅଧିବକ୍ତା ପରିଷଦ ରାଜ୍ୟ ସଭାପତି ଅଜିତ୍ ପଟ୍ଟନାୟକ ମୁଖ୍ୟ ଅତିଥି, ଆର୍‌ଏସ୍‌ଏସ୍ ଜିଲା ସଂଘଚାଳକ ଶିକ୍ଷାବିତ୍ ନିରଞ୍ଜନ ସାହୁ, ପୂର୍ବାଞ୍ଚଳ ଆୟମ ପ୍ରମୁଖ ଜ୍ଞାନାଲୋକ ମହାନ୍ତି, ରାଜ୍ୟ କୋଷାଧ୍ୟକ୍ଷ ଦୁର୍ଗାପ୍ରସାଦ ପଟ୍ଟନାୟକ, ସମ୍ପାଦକ ମନୋଜ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମା' ଭାରତୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ କର୍ମଶାଳାକୁ ଅତିଥି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଆଇନଜୀବୀ ପଟ୍ଟନାୟକ କହିଥିଲେ ଯେ, ରାଷ୍ଟ୍ର ହିତରେ ଯୁବ ଅଧିବକ୍ତାଙ୍କ ପ୍ରମୁଖ ଭୂମିକା ରହିଛି। ରାଷ୍ଟ୍ର ଅହିତ କାର୍ଯ୍ୟଠାରୁ ଦୂରେଇ ରହିବା ସହ ଗଠନମୂଳକ କାର୍ଯ୍ୟରେ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ। ଯୁବ ଆଇନଜୀବୀମାନେ ଦାୟିତ୍ୱସମ୍ପନ୍ନ ଓ କର୍ତ୍ତବ୍ୟନିଷ୍ଠ ହୁଅନ୍ତୁ। ଆଇନ ଗୋଟିଏ ପେସା ନୁହଁ, ଏକ ବ୍ରତ। ସମାଜର ବିଭିନ୍ନ ବର୍ଗର ଜନସାଧାରଣ ନ୍ୟାୟ ପାଇଁ ଆଇନଜୀବୀଙ୍କ ଉପରେ ନିର୍ଭର କରନ୍ତୁ। ସେମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ନୈତିକ ଦାୟିତ୍ୱ। ବରିଷ୍ଠ ଆଇନଜୀବୀଙ୍କୁ ଯଥୋଚିତ ସମ୍ମାନ ଦେବା ସହ ଆଇନସେବା ଦିଗରେ ସେମାନଙ୍କ ସହ ଆଲୋଚନା କରନ୍ତୁ। ଜଣେ ଭଲ ଆଇନଜୀବୀ ହେବା ପାଇଁ କଠିନ ଅଧ୍ୟବସାୟ ଜରୁରୀ। ତଳ କୋର୍ଟଠାରୁ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ବିଭିନ୍ନ ନ୍ୟାୟ ତର୍ଜମା କରନ୍ତୁ। ମୋନାଲିସା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦେବବ୍ରତ ସାହୁ ଧନ୍ୟବାଦ ଦେଇଥିଲେ। ଖୋର୍ଦ୍ଧା ଏବଂ ଜଟଣୀ ଅଞ୍ଚଳର ଯୁବ ଅଧିବକ୍ତା ଯୋଗଦେଇଥିବା ବେଳେ ନୂତନଭାବେ ୫ଜଣ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ଲୋତକବିନ୍ଦୁ ପଟ୍ଟନାୟକ, ଆରତି ପଟ୍ଟନାୟକ, ସ୍ମିତା ମିଶ୍ର, ମମତା ମହାନ୍ତି, ଦେବବ୍ରତ ବିଶ୍ୱାଳ, ବଳରାମ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗଜ ଉଦ୍ଧାରଣ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ,୧।୨ (ଅଜିତ୍ କୁମାର ମହାନ୍ତି)



ମାଘପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଗଜ ଉଦ୍ଧାରଣ ବେଶ ରବିବାର ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଦ୍ୱିପ୍ରହର ଧୂପ ସରିବା ପରେ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଥିଲା। ପରେ ମହାପ୍ରଭୁଙ୍କୁ ପତନି ଲାଗି କରାଯାଇଥିଲା। ଏହାପରେ ଘଟୁଆରୀଙ୍କ ଦ୍ୱାରା ଘୋରା ଯାଇଥିବା ଚନ୍ଦନକୁ ରୁପା ପିଙ୍ଗଣରେ ପାଳିଆ ପୁଷ୍ପାଳକ ଆଣିଥିଲେ। ପରେ ତିନିବାଡ଼ ଯଥା ବଡ଼ବାଡ଼, ମଝିବାଡ଼ ତଥା ମହାପ୍ରଭୁଙ୍କ ବାଡ଼ରେ ସର୍ବାଙ୍ଗ ନୀତି କରାଯାଇଥିଲା। ମହାଜନ ସେବକମାନେ ଶ୍ରୀଦେବୀଙ୍କୁ ଦକ୍ଷିଣୀ ଘରେ ଏକ ଖଟ ଉପରେ ବିଜେ କରାଇବା ପରେ ମହାପ୍ରଭୁଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ଗଜ ଉଦ୍ଧାରଣ ବେଶରେ ଜଗନ୍ନାଥ ଓ ବଳଭଦ୍ର ଚତୁଃହସ୍ତ ରୂପେ ଏବଂ ମା' ସୁଭଦ୍ରା ଦ୍ୱିଭୁଜ ବିଶିଷ୍ଟା ହୁଅନ୍ତି। ଏହି ବେଶରେ କାଠ ଓ ସୋଲ ନିର୍ମିତ ଦୁଇଟି ହସ୍ତୀ ପ୍ରତିମୂର୍ତ୍ତି ବ୍ୟବହୃତ ହୋଇଥିଲା। ଗଜ ଉଦ୍ଧାରଣ ବେଶରେ ତିନି ଠାକୁରଙ୍କ ମଥାରେ ଚୂଳ ଓ କିରୀଟ ସହ ସୁବର୍ଣ୍ଣ ନିର୍ମିତ ପଦ୍ମମାଳି, କଦମ୍ବମାଳି ପ୍ରଭୃତିରେ ଭୂଷିତ କରାଯାଇଥିଲା। ସନ୍ଧ୍ୟା ଧୂପରେ ମହାପ୍ରଭୁଙ୍କୁ ଖିରି ଓ ଅମାଲୁ ଭୋଗ କରାଯାଇଥିଲା। ରାତ୍ରରେ ବେଶ ଓଲାଗି କରାଯାଇ ବଡ଼ସିଂହାର ନୀତି ସମ୍ପନ୍ନ ପରେ ରାତ୍ରପହୁଡ଼ ସମ୍ପନ୍ନ ହୋଇଥିଲା।

## ଡିଙ୍ଗର କ୍ଲବ ଚାମ୍ପିୟନ



ବାଘମାରୀ,୧।୨(ମିହିର ରଞ୍ଜନ ମହାପାତ୍ର)

### ବାବୁଲି ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଗଁପୁର ଖେଳପଡ଼ିଆରେ ଭବାନୀ ଶଙ୍କର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୧ଶ ବାବୁଲି ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଡିଙ୍ଗର କ୍ଲବ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ଖଣ୍ଡୁଆଳ କ୍ରିକେଟ କ୍ଲବ ଗୌଡ଼ପୁଟ ଏବଂ ଡିଙ୍ଗର କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଖଣ୍ଡୁଆଳ କ୍ରିକେଟ କ୍ଲବ ବୋଲିଂ ନିଷ୍ପତ୍ତି ନେଇଥିଲା। ଡିଙ୍ଗର କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୨୧୭ ରନ ସଂଗ୍ରହ କରିଥିଲା। ଜବାବରେ ଖଣ୍ଡୁଆଳ କ୍ରିକେଟ କ୍ଲବ ୧୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୮ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଡିଙ୍ଗର କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ହରିବନ୍ଧୁ ପଣ୍ଡା, ଲିଟୁ ଜଗଦେବ ଏବଂ ଜୀବନ ବେହେରା ମ୍ୟାଚ୍ ପରିଚାଳନା କରିଥିବା ବେଳେ ରମାକାନ୍ତ ବେହେରା ମ୍ୟାଚର ଧାରା ବିବରଣୀ ଦେଇଥିଲେ। ବିଶ୍ୱଜିତ୍ ସାହୁ ଏବଂ ଅନିଲ କୁମାର ସାହୁ ସ୍କୋର ଦାୟିତ୍ୱ ତୁଲାଇଥିଲେ। ଗ୍ରାମ୍ୟ କମିଟି ସଭାପତି ନୀଳମଣି ପ୍ରଧାନଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥି, ସିମୋର ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ସମିତିସଭ୍ୟା ନଳିନୀ ପଣ୍ଡା, ସାମାଜିକ କର୍ମୀ ସୁକାନ୍ତ ସାହୁ, ପଙ୍ଗାରସିଂହ ସରପଞ୍ଚ ଲାବଣ୍ୟ ଜୟସିଂହ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ଗ୍ରାମାଞ୍ଚଳର ପ୍ରତିଭାକୁ ବିକଶିତ କରିବାରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଚାମ୍ପିୟନ ଟିମ୍‌କୁ ୧୦ ହଜାର ଟଙ୍କା ଓ ଟ୍ରଫି, ରନର୍ସଅପ୍ ଟିମ୍‌କୁ ୬ ହଜାର ଟଙ୍କା ଓ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ଦିବ୍ୟସିଂହ ରଣା ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାକେଶ କୁମାର ସାହୁ ଧନ୍ୟବାଦ ଦେଇଥିବା ବେଳେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# 'ପୂର୍ଣ୍ଣାହୁତି ଦେଲେ ସାଧୁସନ୍ଥ, ସାମିଲ ହେଲେ ସାଧାରଣ ଲୋକ



ଭୁବନେଶ୍ୱର,୧।୨(ସୌମ୍ୟରଞ୍ଜନ ରାଉତ)

### ସରିଲା ଖଣ୍ଡଗିରି କୁମ୍ଭମେଳା

ମାଘସପ୍ତମୀଠାରୁ ଆରମ୍ଭ ହୋଇଥିବା ଖଣ୍ଡଗିରି କୁମ୍ଭମେଳା ରବିବାର ମାଘପୂର୍ଣ୍ଣିମା ଅବସରରେ ଉଦ୍‌ଯାପିତ ହୋଇଛି। ପ୍ରାତଃରୁ ରାତି ପର୍ଯ୍ୟନ୍ତ ବେଦପାଠ, ଭଜନ କୀର୍ତ୍ତନ ଓ ମନ୍ତ୍ରଧ୍ୱନିରେ ପ୍ରକମ୍ପିତ ହେଉଥିବା ଖଣ୍ଡଗିରି ଏବେ ନୀରବିଯାଇଛି। ମେଳାରେ ଶେଷଦିନରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ସକାଳୁ ରାତି ପର୍ଯ୍ୟନ୍ତ ମେଳା ପରିସର ଜନସମୁଦ୍ର ପାଲଟିଥିଲା। ଖାଦ୍ୟ ଷ୍ଟଲ୍‌ଠାରୁ ଆରମ୍ଭକରି ମୀନାବଜାର ଓ ରାମଦୋଳି ଆଦି ସ୍ଥାନରେ ଲୋକଙ୍କ ଅସମ୍ଭାଳ ଭିଡ଼ ଜମିଥିଲା। ବିଶ୍ୱସନାତନ ବୈଦିକ ଧର୍ମ ପରିଷଦ ଓଡ଼ିଶା ଆବାହକତ୍ୱରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁସନ୍ଥଙ୍କ ଦ୍ୱାରା ସନାତନ ବୈଦିକ ଧର୍ମ, ସଂସ୍କୃତି, ସୁରକ୍ଷା, ସର୍ବୋପରି ଜଗତ କଲ୍ୟାଣ ପାଇଁ ପଞ୍ଚମହାଯଜ୍ଞ ଧାର୍ମିକ ସଭା ସାଧନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁକୁଳ ବୈଦିକ ଆଶ୍ରମ ବେଦବ୍ୟାସ ରାଉରକେଲାର ବ୍ରହ୍ମଚାରୀ ବ୍ରହ୍ମାନନ୍ଦ ଗୌରବ ଗୁରୁକୁଳ ବ୍ରହ୍ମଚାରିଣୀ ପିଲାମାନଙ୍କ ଦ୍ୱାରା ବେଦପାଠ, ଚତୁର୍ବେଦ ପାରାୟଣ ସହିତ ଯଜୁର୍ବେଦ ମନ୍ତ୍ର ଅନୁଯାୟୀ ଯଜ୍ଞକାର୍ଯ୍ୟରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଯଜ୍ଞରେ ବ୍ରହ୍ମାସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ ପରିବ୍ରାଜକ ଭାବେ ମୁଖ୍ୟ ଆସନ ଗ୍ରହଣ କରିଥିଲେ। ବ୍ରହ୍ମଚାରୀ ବିଶେଷ ଚୈତନ୍ୟ ବାବା ଆଲୋକ ଦାସ, ବାବା ଚନ୍ଦନ ଦାସ, ବାବୁଲି ବାବା, ଭାସ୍କର ବାବା, ଶ୍ରୀକୃଷ୍ଣ ମହାରାଜ ପ୍ରମୁଖ ସହଯୋଗ କରିଥିଲେ। ପୂର୍ଣ୍ଣାହୁତିରେ ସମସ୍ତ ସହଯୋଗକାରୀ ତଥା ମା' ବାରଭୂଜି ଧ୍ୱନି ଆଖଡ଼ା, ଆଞ୍ଚଳିକ ଭାଗବତ ତୁଙ୍ଗି ସିଜୁଆ ଆଦି ଧାର୍ମିକ, ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ।

## ଲୋକନାଥ ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଟାଙ୍ଗୀ,୧।୨(ରଘୁନାଥ ସାହୁ)

ଟାଙ୍ଗୀର ପ୍ରସିଦ୍ଧ ଶୈବପୀଠ ପଶ୍ଚିମାଭିମୁଖିଶମ୍ଭୁ ଶ୍ରୀଲୋକନାଥ ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୨୫ ତାରିଖରେ ଅଙ୍କୁରାରୋପଣ କରାଯାଇଥିଲା। ପ୍ରତ୍ୟୋହ ସୂର୍ଯ୍ୟ ପୂଜା, ଧେନୁପୂଜା, ଚଣ୍ଡୀପାଠ ସହ ଘୃତଯଜ୍ଞ କରାଯାଇଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପଣ୍ଡିତ କୈଳାସ ଚନ୍ଦ୍ର ପଣ୍ଡା ଏବଂ ପଣ୍ଡିତ ପ୍ରଶାନ୍ତ କୁମାର ଚାନ୍ଦଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ସପ୍ତଦିବସୀୟ ଯଜ୍ଞ କାର୍ଯ୍ୟ ପୂର୍ଣ୍ଣାହୁତି କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରାମଚନ୍ଦ୍ର ମହାପାତ୍ର, ମହେଶ୍ୱର ସେନାପତି, ଭରତ ଚରଣ ବେହେରାଙ୍କ ସହିତ ଶ୍ରୀଲୋକନାଥ ଦେବ ଟ୍ରଷ୍ଟର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବୃଦ୍ଧାଙ୍କ ଅସ୍ୱାଭାବିକ ମୃତ୍ୟୁ

ଯାଁଳା,୧।୨(ବୁଲା ବାରିକ)

ରବିବାର ଜଣେ ବୃଦ୍ଧାଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ଜଟଣୀ ବ୍ଲକ ପଞ୍ଚପଲ୍ଲୀ ପଞ୍ଚାୟତ ବ୍ରହ୍ମକୁଣ୍ଡଳ ଗ୍ରାମର ରଞ୍ଜୁକ୍ତା ଜେନା (୭୦)। ସବୁଦିନ ଭଳି ସକାଳେ ସେ ଠାକୁର ପୂଜା କରିବା ପରେ ଓଦା ଲୁଗା ଛାତ ଉପରକୁ ଶୁଖାଇବାକୁ ଯାଇଥିଲେ। ହେଲେ ସେଠାରେ ସେ ଛାତ ଉପରେ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ଓଲଟିଲା କଂକ୍ରିଟ୍ ମିକ୍ସର ଗାଡ଼ି

ବାଲିଅନ୍ତା,୧।୨(ନୀଳମାଧବ ସାହୁ)

ଭୁବନପୁର-ଭିଙ୍ଗାରପୁର ଜଳସେଚନ ବିଭାଗ ରାସ୍ତାର ବଇଚୁଆ କାଜ ନିକଟରେ ରବିବାର ଏକ କଂକ୍ରିଟ ମିକ୍ସର ଗାଡ଼ି ଭାରସାମ୍ୟ ହରାଇ ଓଲଟିପଡ଼ିଛି। ଫଳରେ ଗାଡ଼ି ଭିତରେ ଚାଳକ ଓ ସହଯୋଗୀ ଚାପି ହୋଇଯାଇଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନୀୟ ହସ୍ପିଟାଲକୁ ପଠାଇଛନ୍ତି।

କାଜ ନିକଟସ୍ଥ ଧନୁଆ ନଦୀରେ ଏକ ବ୍ରିଜ ନିର୍ମାଣ କାର୍ଯ୍ୟ ଚାଲୁଥିବା ଯୋଗୁଁ ଲୋକେମାନେ ଏକ ଅସ୍ଥାୟୀ ରାସ୍ତା ଦେଇ ଯାତାୟାତ କରୁଥିଲେ। ରାସ୍ତାଟିର ଦୂରବସ୍ଥାକୁ ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ସ୍ଥାନୀୟ ନିମାପଡ଼ା ଶାଖା କେନାଲର ପାଚେରି କାର୍ଯ୍ୟ ନିମନ୍ତେ ଭୁବନେଶ୍ୱର ପ୍ଲାଣ୍ଟରୁ ସିମେଣ୍ଟ ଓ ଗୋଡ଼ିମିଶା କଂକ୍ରିଟ ନେଇ ଗାଡ଼ିଟି ଆସୁଥିଲା। କାଜ ନିକଟରେ ଥିବା ଉଠାଣି ଜାଗାରେ ହଠାତ୍ ରାସ୍ତାଟି ଦବି ଯିବାରୁ ଭାରସାମ୍ୟ ହରାଇ ଗାଡ଼ିଟି ଡାହାଣ ପାର୍ଶ୍ୱକୁ ଓଲଟି ପଡ଼ିଥିଲା।

## ଖଣ୍ଡଗିରି ମେଳା: ୪୦ ଚୋରି, ୩ ମହିଳା ଗିରଫ

ଭୁବନେଶ୍ୱର,୧।୨(ତ୍ରିନାଥ ମହାନ୍ତି)

ଖଣ୍ଡଗିରି ମେଳାରେ ମହିଳା ଲୁଟେରାମାନେ ପୁରୁଷଙ୍କ ହାତରୁ ମୋବାଇଲ୍ ଲୁଟି ନେଉଥିଲେ। ପକେଟ୍‌ମାର୍ କରି ଟଙ୍କା ଚୋରିକରି ନେଉଥିଲେ। ଗତ ୫ ଦିନରେ ୪୦ରୁ ଊର୍ଦ୍ଧ୍ୱ ଚୋରି ନେଇ ଅଭିଯୋଗ ରହିଥିବାବେଳେ ପୋଲିସ ସିସିଟିଭି ଯାଞ୍ଚକରି ସମ୍ପୃକ୍ତ ୩ ମହିଳାଙ୍କୁ ଗିରଫ କରିଛି। ସେମାନେ ଶନିବାର ରାତିର ଭିଡ଼ରେ ପଶି ଚୋରି କରିବା ସମୟରେ ପୋଲିସ ସେମାନଙ୍କୁ କାବୁ କରିଥିଲା। ଗିରଫ ୩ ମହିଳା ହେଲେ ଯାଜପୁର ପାଣିକୋଇଲିର ଦୀପକ ବାଲ୍, ଲକ୍ଷ୍ମୀ ବାଲ୍ ଏବଂ ଦୀପାଲି ସିଂ। ସେମାନଙ୍କ ନିକଟରୁ ଚୋରିସାମଗ୍ରୀ ଜବତ କରାଯାଇଛି। ଗତ ୩୧ ତାରିଖ ଶନିବାର ରୀତିକା ମହାନ୍ତ ନାମ୍ନୀ ମହିଳା ଖଣ୍ଡଗିରି ମେଳା ବୁଲିବାକୁ ଯାଇଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ଏହି ମହିଳା ଗ୍ୟାଙ୍ଗର ସଦସ୍ୟମାନେ ଭିଡ଼ ଭିତରେ ତାଙ୍କଠାରୁ ମୋବାଇଲ୍ ଲୁଟି ନେଇଥିଲେ। ସେ ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁକରି ତଦନ୍ତ କରିଥିଲା।

# ପଥରଗାଡ଼ିଆ ମହିମାନଗରରେ ପ୍ରତିବାଦ ଶୋଭାଯାତ୍ରା



ସିପିଆଇ ପକ୍ଷରୁ ଆୟୋଜିତ ପ୍ରତିବାଦ ଶୋଭାଯାତ୍ରା।

ଭୁବନେଶ୍ୱର, ୧।୨(ବନ୍ଦନା ସେଠୀ)

ରାଜଧାନୀରେ ଆଇନ ଶୃଙ୍ଖଳା ବିଗିଡି ଯାଉଥିବା ଅଭିଯୋଗ ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଏବଂ ପଥରଗାଡ଼ିଆ-ମହିମାନଗର ଶାଖା ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିଖରଚଣ୍ଡି ଓ ଇନ୍‌ଫୋସିଟି ଥାନା ପାଖରୁ ଶୋଭାଯାତ୍ରା ବାହାରି ପଥରଗାଡ଼ିଆ-ମହିମାନଗର ପର୍ଯ୍ୟନ୍ତ ଯାଇଥିଲା। ପଥରଗାଡ଼ିଆ ମହିମାନଗରରେ ରହୁଥିବା ଅନୁସୂଚିତ ଜାତିର ଲୋକଙ୍କୁ ସେମାନଙ୍କ ଦଖଲ ଜମିର ପଟ୍ଟା ଯୋଗାଇଦେବା, ସେହି ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା, ମଦ, ଗଞ୍ଜେଇ, ନିଶା ପାଉଡ଼ର ମାଦକ ଦ୍ରବ୍ୟ ଆଦି ବନ୍ଦ କରାଇବା, ଟାଟା ପାୱାରର ମନମୁଖୀ କାରବାର ବନ୍ଦ କରିବା ଏବଂ ୩୦୦ ୟୁନିଟ୍ ବିଦ୍ୟୁତ୍ ପର୍ଯ୍ୟନ୍ତ ଛାଡ଼ କରିବା, ମନରେଗା ଯୋଜନାରୁ ମାହାତ୍ମାଗାନ୍ଧୀଙ୍କ ନାମ କାଟିବା ବନ୍ଦ କରି ପୁର୍ନବାର ମନରେଗା ସ୍କିମ୍ ପ୍ରଚଳନ କରିବା, ବିଧବା ଓ ବାର୍ଦ୍ଧକ୍ୟଭତ୍ତା ୫ହଜାର ଟଙ୍କାକୁ ବୃଦ୍ଧି କରିବା, ୪ ଶ୍ରମ କୋଡ୍ ବାତିଲ କରିବା ଆଦି ବିଭିନ୍ନ ଦାବି କରାଯାଇଥିଲା। ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁର ଜେନା ଏହାର ନେତୃତ୍ୱ ନେଇଥିବାବେଳେ ଭୁବନେଶ୍ୱର ଜୋନ ସହ-ସମ୍ପାଦକ ଶଙ୍କର୍ଷଣ ବାରିକ, ଶରତ ସ୍ୱାଇଁ, ଡାକ ହେମ୍ବ୍ରମ୍, ରଘୁନାଥ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଶାନ୍ କ୍ଲବ ଭୁବନେଶ୍ୱର ଚାମ୍ପିୟନ

### ରାଜ୍ୟସ୍ତରୀୟ ମା' ଭୈରବୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ନିରାକାରପୁର,୧।୨(ମାନସ ଚନ୍ଦ୍ର ପଟ୍ଟନାୟକ)


ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍‌ର ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କାଶୀପୁର ଖେଳପଡ଼ିଆରେ ମା' ଭୈରବୀ ଯୁବ ସଂସଦ ଆନୁକୂଲ୍ୟରେ ଚାଲିଥିବା ୪୩ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଶାନ୍ କ୍ଲବ ଭୁବନେଶ୍ୱର ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ୟୁନାଇଟେଡ୍ କ୍ଲବ ଭଦ୍ରକ ଏବଂ ଶାନ୍ କ୍ଲବ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୧-୦ ଗୋଲରେ ଶାନ୍ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଶିବଶଙ୍କର ପଣ୍ଡା ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନରେ ସୁଜିତ ପାତ୍ର ଏବଂ ଶିବ ଦେହୁରି ସହଯୋଗ କରିଥିଲେ। ଚତୁର୍ଥ ରେଫରିଭାବେ ହୃଦାନନ୍ଦ ମହତରାୟ, ଓମ୍ ପ୍ରକାଶ ମିଶ୍ର, ଭୀମସେନ ବିଶ୍ୱାଳ ଏବଂ ମ୍ୟାଚ କମିଶନର ଭାବେ ପ୍ରମୋଦ କୁମାର ଦାସ ଦାୟିତ୍ୱ ତୁଲାଇଥିଲେ। ଗୋଲ ଜଜ୍ ଭାବେ ଗଙ୍ଗାଧର ପଟ୍ଟନାୟକ, ଗଙ୍ଗାଧର ପାଇକରାୟ ସହଯୋଗ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରଦୀପ୍ତ ଷଡଙ୍ଗୀ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ସମ୍ମାନିତ ଅତିଥିଭାବେ ଅନୁଷ୍ଠାନର ମୁଖ୍ୟ ସଂଯୋଜକ ସନ୍ତୋଷ କୁମାର ଦଳେଇ, ପୂର୍ବତନ ଭାଜପା ମଣ୍ଡଳ ସଭାପତି ସନାତନ ବାରିକ, ସାମାଜିକ କର୍ମୀ ରଣଜିତ୍ ଜଗଦ୍ଦେବ, ଖବତଦାତା ଦାଶରଥି ଶ୍ରୀଚନ୍ଦନ, ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ଅବସରପ୍ରାପ୍ତ ବରିଷ୍ଠ କ୍ରୀଡ଼ା ଶିକ୍ଷକ ଚକ୍ରଧର ମିଶ୍ର, ସିପିଏମ୍ ନେତା ବିଧୁଭୂଷଣ ମହାରଣା, ୱାର୍ଡସଭ୍ୟା ସଞ୍ଜୁକ୍ତା ମିଶ୍ର, ଅନୁଷ୍ଠାନର ପୂର୍ବତନ ସଭାପତି ପ୍ରଦୀପ କୁମାର ପଟ୍ଟନାୟକ, ସାମାଜିକ କର୍ମୀ ହେମନ୍ତ ସାମନ୍ତରାୟ ଓ ବିଶ୍ୱଜିତ ହରିଚନ୍ଦନ, ପୋଲିସ ଅଧିକାରୀ ଗୁପ୍ତ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳିଭାବେ ଶାନ୍ କ୍ଲବର ୭ନମ୍ବର ଜର୍ସି ଚନ୍ଦନ ଦାଶଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଅନୁରୂପଭାବେ ଚାମ୍ପିୟନ ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। କମଳ ଲୋଚନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ନୃସିଂହ କୁମାର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




୧।୨।୨୦୨୬

| | |
|---|---|
| ୭,୮୩,୭୦୪ ଟଙ୍କା | |
| ସୁନା | ୩ ଗ୍ରାମ୍ |
| ରୁପା | ୨୧.୫୦୦ ଗ୍ରାମ୍ |

# ଗଜ ଉଦ୍ଧାରଣ ବେଶରେ ଦର୍ଶନ ଦେଲେ ମହାପ୍ରଭୁ



ଦଇତାପତି କୀର୍ତ୍ତି ଦାସ ମହାପାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଗଜ ଉଦ୍ଧାରଣ ବେଶ।

ପୁରୀ,୧।୨(ଅଜିତ୍ କୁମାର ମହାନ୍ତି)

ମାଘପୂର୍ଣ୍ଣମା ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଗଜ ଉଦ୍ଧାରଣ ବେଶ ରବିବାର ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଦ୍ୱିପ୍ରହର ଧୂପ ସରିବା ପରେ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଥିଲା। ପରେ ମହାପ୍ରଭୁଙ୍କୁ ପତନି ଲାଗି କରାଯାଇଥିଲା। ଏହାପରେ ଘଟୁଆରୀଙ୍କ ଦ୍ୱାରା ଘୋରା ଯାଇଥିବା ଚନ୍ଦନକୁ ରୁପା ପିଙ୍ଗଣରେ ପାଳିଆ ପୁଷ୍ପାଳକ ଆଣିଥିଲେ। ପରେ ତିନିବାଡ଼ ଯଥା ବଡ଼ବାଡ଼, ମଝିବାଡ଼ ତଥା ମହାପ୍ରଭୁଙ୍କ ବାଡ଼ରେ ସର୍ବାଙ୍ଗ ନୀତି କରାଯାଇଥିଲା। ମହାଜନ ସେବକମାନେ ଶ୍ରୀଦେବୀଙ୍କୁ ଦକ୍ଷିଣୀ ଘରେ ଏକ ଖଟ ଉପରେ ବିଜେ କରାଇବା ପରେ ମହାପ୍ରଭୁଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ଗଜ ଉଦ୍ଧାରଣ ବେଶରେ ଜଗନ୍ନାଥ ଓ ବଳଭଦ୍ର ଚତୁଃହସ୍ତ ରୂପେ ଏବଂ ମା' ସୁଭଦ୍ରା ଦ୍ୱିଭୁଜ ବିଶିଷ୍ଟା ହୁଅନ୍ତି। ଏହି ବେଶରେ କାଠ ଓ ସୋଲ ନିର୍ମିତ ଦୁଇଟି ହସ୍ତୀ ପ୍ରତିମୂର୍ତ୍ତି ବ୍ୟବହୃତ ହୋଇଥିଲା। ଗଜ ଉଦ୍ଧାରଣ ବେଶରେ ତିନି ଠାକୁରଙ୍କ ମଥାରେ ଚୂଳ ଓ କିରୀଟ ସହ ସୁବର୍ଣ୍ଣ ନିର୍ମିତ ପଦ୍ମମାଳି, କଦମ୍ବମାଳି ପ୍ରଭୃତିରେ ଭୂଷିତ କରାଯାଇଥିଲା। ସନ୍ଧ୍ୟା ଧୂପରେ ମହାପ୍ରଭୁଙ୍କୁ ଖିରି ଓ ଅମାଲୁ ଭୋଗ କରାଯାଇଥିଲା। ରାତ୍ରରେ ବେଶ ଓଲାଗି କରାଯାଇ ବଡ଼ସିଂହାର ନୀତି ସମ୍ପନ୍ନ ପରେ ରାତ୍ରପହୁଡ଼ ସମ୍ପନ୍ନ ହୋଇଥିଲା।

## ଶ୍ରୀଲୋକନାଥଙ୍କ ପଦ୍ମବେଶ

ପୁରୀ,(ଅଜିତ୍ କୁମାର ମହାନ୍ତି)

ପରମ୍ପରା ଅନୁସାରେ ମାଘ ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଗଜଉଦ୍ଧାରଣ ବେଶ ଅନୁଷ୍ଠିତ ହେଉଥିବା ବେଳେ ରାଜ୍ୟର ଅନ୍ୟତମ ପ୍ରମୁଖ ଶୈବପୀଠ ଦେବ ଦେବ ମହାଦେବ ଶ୍ରୀଲୋକନାଥଙ୍କର ପଦ୍ମବେଶ ଅନୁଷ୍ଠିତ ହୋଇଛି।

ପରମ୍ପରା ଅନୁସାରେ, ରଥସାହି ବ୍ରାହ୍ମଣ ସମାଜ (ବାଡ଼) ପକ୍ଷରୁ ଶତାଧିକ ବର୍ଷ ଧରି ଏହି ପଦ୍ମବେଶ କରାଯାଉଛି। ଏହି ପଦ୍ମବେଶରେ ମହାପ୍ରଭୁଙ୍କୁ ସୋଲ, ଜରି, କଇଥ ଅଠାରେ ପ୍ରସ୍ତୁତ ପଦ୍ମ ପାଖୁଡ଼ା ଓ ଡାଳି ଲତା ଶିଳ୍ପୀ ତିଆରି କରିଥାଏ। ଶ୍ରୀଲୋକନାଥଙ୍କର ସେବକମାନେ ବେଶ ଆଧ୍ୟାତ୍ମିକ ପରିବେଶରେ ଏହି ପଦ୍ମବେଶରେ ମହାଦେବଙ୍କୁ ବିଭୂଷିତ କରାଇଥାନ୍ତି। ଏହି ବେଶରେ ଥାଇ ମହାଦେବ ଶ୍ରୀଲୋକନାଥ ରାତ୍ର ଶୟନ ଯାଇଥାନ୍ତି। ସକାଳୁ ମଇଲମ ପୂର୍ବରୁ ମଙ୍ଗଳ ଆଳତିରେ ଭକ୍ତମାନେ ପଦ୍ମବେଶ ଦର୍ଶନ କରିଥାନ୍ତି। ଏହି ପଦ୍ମବେଶରେ ଖିରୀ, ଅମାଲୁ, ଚୁଡ଼ାଘଷା ଆଦି ଭୋଗ ଲାଗିଥାଏ। ରଥସାହି ବ୍ରାହ୍ମଣ ସମାଜ (ବାଡ଼)ର ସଭାପତି ପ୍ରମୋଦ କୁମାର ମହାପାତ୍ର, ସମ୍ପାଦକ ହିତବ୍ରତ ବାହିନୀପତି, ଉପସଭାପତି ରାମନାରାୟଣ ମହାପାତ୍ର, କୋଷାଧ୍ୟକ୍ଷ ରାମକୃଷ୍ଣ ପାଣି ବରିଷ୍ଠ ସଦସ୍ୟ ମନୋଜ କୁମାର ମିଶ୍ର, ଜଗନ୍ନାଥ ମିଶ୍ର, ବରିଷ୍ଠ ସାମ୍ବାଦିକ ମଧୁସୂଦନ ମିଶ୍ର, ଅକ୍ଷୟ ପଟ୍ଟଯୋଶୀ, ବ୍ରଜବନ୍ଧୁ କର, ସିଦ୍ଧବ୍ରତ ବାହିନୀପତି, ଶଶିଭୂଷଣ ତ୍ରିପାଠୀ, ମଧୁସୂଦନ ମହାପାତ୍ରଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଅଗ୍ନ୍ୟୁତ୍ସବ ପାଳିତ



ମା' ମରିଚି ଠାକୁରାଣୀଙ୍କ ସମ୍ମୁଖରେ ଅଗି ଜଳାଯାଉଛି।

ପୁରୀ,୧।୨(ଅଜିତ୍ କୁମାର ମହାନ୍ତି)

ପବିତ୍ର ମାଘପୂର୍ଣ୍ଣମା ଅବସରରେ ଶ୍ରୀକ୍ଷେତ୍ରରେ ଅଗ୍ନ୍ୟୁତ୍ସବ ବା ଅଗ୍ନି ଉତ୍ସବ ପାଳନ କରାଯାଇଛି। ମାଘପୂର୍ଣ୍ଣମା ମଧ୍ୟ ଅଗିଜଳା ପୂର୍ଣ୍ଣିମା ଭାବେ ପରିଚିତ। ଏହି ପୂଜାରେ ଅଗ୍ନିଦେବଙ୍କ ଉଦ୍ଦେଶ୍ୟରେ ଉତ୍ସବ ପାଳନ କରାଯାଇଥାଏ। ଓଡ଼ିଶା ସମେତ ଭାରତର ଅନେକ ରାଜ୍ୟରେ ଏହି ଉତ୍ସବ ଅଲଗା ଅଲଗା ଢଙ୍ଗରେ ପାଳନ କରାଯାଇଥାଏ। ଏଥିରେ ଗାଁ ତଥା ସାହିମୁଣ୍ଡରେ ଥିବା ଠାକୁର ଠାକୁରାଣୀଙ୍କ ମନ୍ଦିର ସମ୍ମୁଖରେ ଏକ ପ୍ରାଙ୍ଗଣରେ ବାଉଁଶ ଅଗି ସ୍ଥାପନ କରାଯାଇ ସେଥିରେ ନଡ଼ା କିମ୍ବା କୁଟାରେ ଛପର କରାଯାଇ ଅଗ୍ନି ଦେବଙ୍କୁ ସ୍ଥାପନ କରାଯାଏ। ସନ୍ଧ୍ୟା ସମୟରେ ଅଗ୍ନି ଉତ୍ସବ କାଳରେ ବ୍ରାହ୍ମଣ ପୁରୋହିତ ଅଗ୍ନିଦେବଙ୍କୁ ପୂଜାକରି କମାର ଯୋଗାଇଥିବା ଶାଣ ଅଗ୍ନି ଦ୍ୱାରା ପ୍ରସ୍ତୁତ ଅଗିଘରେ ଅଗ୍ନି ସଂଯୋଗ କରିଥାଆନ୍ତି। ଅଗି ଜଳି ଉଠିବା ସହିତ ନାନାଦି ଭୋଗ ଅଗ୍ନିରେ ସମର୍ପଣ କରାଯାଏ। ଭକ୍ତମାନେ ଖୋଳକୀର୍ତ୍ତନ କରି ଅଗ୍ନିର ଚତୁଃ ପାର୍ଶ୍ୱରେ ପ୍ରଦକ୍ଷିଣ କରିବା ସହିତ ଅଗ୍ନିରେ ବିଭିନ୍ନ ଫଳ ନିକ୍ଷେପ କରିଥାନ୍ତି। ପୁରୀର ବିଭିନ୍ନ ସାହିର ଠାକୁରାଣୀଙ୍କ ପାଖରେ ଏବଂ ଛକଗୁଡ଼ିକରେ ଏହି ଅଗ୍ନି ଉତ୍ସବ ବା ଅଗିଜଳା ଉତ୍ସବ ପାଳନ କରାଯାଇଛି।

## ସଂକ୍ଷେପରେ

### ନିଗମାନନ୍ଦ ସରସ୍ୱତୀଙ୍କ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ

ପୁରୀ,୧।୨(ଅଜିତ୍ କୁମାର ମହାନ୍ତି)

ଶ୍ରୀଶ୍ରୀ ଠାକୁର ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ତାଳବଣିଆ ଠାରେ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ହିନ୍ଦୁଧର୍ମ ଆଚାର୍ଯ୍ୟ ସଭା ସାଧାରଣ ସମ୍ପାଦକ ପରମାତ୍ମା ନନ୍ଦ ଜୀ ମହାରାଜ କହିଛନ୍ତି, ସ୍ୱାମୀ ନିଗମାନନ୍ଦଙ୍କ ଜୀବନାଦର୍ଶ ଆମ ସମସ୍ତଙ୍କର ପାଥେୟ ହେବା ଉଚିତ। ନୀଳାଚଳ ସାରସ୍ୱତ ସଂଘର ସଭାପତି ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ସ୍ୱାମୀ ଶ୍ରଦ୍ଧାନନ୍ଦ ଜୀ ମହାରାଜ ଯୋଗଦାନ କରି ସ୍ୱାମୀ ନିଗମାନନ୍ଦ ଉତ୍ତମ ପରିବାର ଗଠନ ସହ ଭଲ ସମାଜସେବୀ ହେବା ପାଇଁ ଦେଇଥିବା ମାର୍ଗଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମିଳନୀର ପ୍ରଥମ ଦିବସରେ ସ୍ତୋତ୍ର ବନ୍ଦନା, ଷୋଡ଼ଶ ଉପଚାର ପୂଜା, ମଙ୍ଗଳ ଆଳତି, ଗୁରୁବନ୍ଦନା, ପରିଚୟପତ୍ର ପାଠ, ସମବେତ ପ୍ରାର୍ଥନା, ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ପ୍ରକାଶିତ ପୁସ୍ତକ 'ଶ୍ରୀପାଦରେ ସମର୍ପଣ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ମଧ୍ୟାହ୍ନ ଅଧିବେଶନ ପରେ ଭାବ ବିନିମୟ କାର୍ଯ୍ୟକ୍ରମ ହୋଇଥିଲା।

### ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ

ବଳଙ୍ଗା,୧।୨(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଧୀନ ଉଚ୍ଛୁପୁର ଗ୍ରାମରେ ସପ୍ତାହେ ବ୍ୟାପୀ ଚାଲିଥିବା ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ମହାଯଜ୍ଞ ରବିବାର ଉଦ୍ଯାପିତ ହୋଇଯାଇଛି। ବ୍ୟାସ ମହେନ୍ଦ୍ର କୁମାର ଦାଶ, ପୁରୋଧା ମୁକୁନ୍ଦଚନ୍ଦ୍ର ଦାଶ ଓ କର୍ତ୍ତା ଶ୍ୟାମସୁନ୍ଦର ଦାଶ, ପ୍ରବକ୍ତା ଭାବେ ପଣ୍ଡିତ ବାସୁଦେବ ସାହୁ, ପଣ୍ଡିତ ଲକ୍ଷ୍ମଣାନନ୍ଦ ମହାରାଜ ଓ ଅନୀଲ କୁମାର ଦାସ ପ୍ରବଚନ ଦେଇଥିଲେ। ଶ୍ରୀ ଶ୍ରୀ ରାମଭକ୍ତ ହନୁମାନ ଆଞ୍ଚଳିକ ପରିଷଦର ସଦସ୍ୟ ଗୋପାଳ ଚନ୍ଦ୍ର ରଥ, ଦେବରାଜ ଦାଶ, ମାଧବାନନ୍ଦ ଦାଶ, ସୁରେନ୍ଦ୍ରନାଥ ପ୍ରଧାନ ଏବଂ ବିକାଶ ରଞ୍ଜନ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୁରୀ ଯୋଗଜିଲା ପାଳିଲା ବସନ୍ତ ଉତ୍ସବ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ।

ପୁରୀ,୧।୨(ଅଜିତ୍ କୁମାର ମହାନ୍ତି)

ଭାରତୀୟ ଯୋଗ ସଂସ୍ଥାନର ପୁରୀ ଯୋଗଜିଲା ଦ୍ୱାରା ଆୟୋଜିତ ପ୍ରଥମ ବସନ୍ତ ଉତ୍ସବ ମା' ମଙ୍ଗଳା କଲ୍ୟାଣ ମଣ୍ଡପ ରାମିତୋଟାରେ ଅନୁଷ୍ଠିତ ହୋଇଛି। ଯୋଗଜିଲା ପ୍ରଧାନ ମନମୋହନ ମହାପାତ୍ରଙ୍କ ସଭାପତିତ୍ୱରେ ଉତ୍ସବରେ ଅତିଥି ଭାବେ ସାମାଜିକ କର୍ମୀ ଅର୍ଜୁନ ପାତ୍ର, ଯୋଗଜିଲା ଉପଦେଷ୍ଟା ବିବିରାମ ସ୍ୱାଇଁ, ଯୋଗଜିଲା ମନ୍ତ୍ରୀ ସଦାଶିବ ଦାସ, ଯୋଗଜିଲା ସଙ୍ଗଠନ ମନ୍ତ୍ରୀ ନିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସୁକାନ୍ତ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିବା ବେଳେ ତ୍ରିଲୋଚନ ସାହୁ, ବିଦ୍ୟାଧର ପରିଡ଼ା, ମାନସ ମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରବଣ ପ୍ରଧାନ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୁରୀ ଯୋଗଜିଲାର ୮ଟି କେନ୍ଦ୍ର ପ୍ରମୁଖଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଦ୍ୱାରା ସମ୍ମାନିତ କରାଯାଇଥିଲା। କେନ୍ଦ୍ର ପ୍ରମୁଖର ମହତ୍ୱ ଓ କର୍ତ୍ତବ୍ୟ ବିଷୟରେ ଚର୍ଚ୍ଚା କରାଯାଇଥିଲା। ସବୁ କେନ୍ଦ୍ରର ସାଧକ, ସାଧିକା ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରବେଷଣ କରାଯାଇଥିଲା। ଶତାଧିକରୁ ଊର୍ଦ୍ଧ୍ୱ ଜନସମାବେଶ ହୋଇଥିଲା। ଏହି ଅବସରରେ ସୁଶାନ୍ତ ମହାପାତ୍ର, ସଂଯୁକ୍ତା ମହାନ୍ତି, ଦୁର୍ଯ୍ୟୋଧନ ବିଶ୍ୱାଳ ଓ ରବୀନ୍ଦ୍ର ମହାନ୍ତି ଯୋଗାଭ୍ୟାସ କରାଇଥିଲେ। ଶାନ୍ତିପାଠ ଓ ପ୍ରସାଦ ସେବନ ସହ କାର୍ଯ୍ୟକ୍ରମ ଶେଷ ହୋଇଥଲା। ଶେଷରେ ଦେବଦତ୍ତ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ପ୍ରଥମ ପାରା ଆଥ୍ଲେଟିକ୍ସ ଚାମ୍ପିୟନଶିପ୍

ପୁରୀ,୧।୨(ଅଜିତ୍ କୁମାର ମହାନ୍ତି)

ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ରବିବାର ପ୍ରଥମ ପାରା ଆଥ୍ଲେଟିକ୍ସ ଚାମ୍ପିୟନ୍ଶିପ୍ର ଆୟୋଜନ କରାଯାଇଥିଲା। ଏହାକୁ ଉଦ୍‌ଘାଟନ କରି ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଦିବ୍ୟାଙ୍ଗମାନେ ଆମ ସମାଜର ଏକ ଅଙ୍ଗ। ସେମାନଙ୍କ ମଧ୍ୟରେ ଅନେକ ପ୍ରତିଭା ଭରି ରହିଛି। ସେହି ପ୍ରତିଭାର ବିକାଶ ସମାଜ ପାଇଁ ସମ୍ବଳ ସୃଷ୍ଟି କରିପାରିବ। ପ୍ରଥମ ଥର ପାଇଁ ପୁରୀରେ ପାରା ଆଥ୍ଲେଟିକ୍ସର ଆୟୋଜନ ଏକ ସୁନ୍ଦର ପଦକ୍ଷେପ। ଏହି ଆଥ୍ଲେଟମାନଙ୍କୁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ପୁରୀ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କ୍ରୀଡ଼ା ସଂସଦର ପ୍ରାକ୍ତନ ସମ୍ପାଦକ ରବିଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗଙ୍କ ପ୍ରତିଭା, ସେମାନଙ୍କ ପ୍ରତି ରହିଥିବା ସରକାରୀ ବ୍ୟବସ୍ଥା, କ୍ରୀଡ଼ା କ୍ଷେତ୍ରରେ ସେମାନଙ୍କୁ ସହଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ପାରା ଆଥ୍ଲେଟିକ୍ସର ରାଜ୍ୟ ସଭାପତି କମଳାକାନ୍ତ ରଥଙ୍କ ସଭାପତିତ୍ୱରେ ଗଜଲକ୍ଷ୍ମୀ ରାୟ, ପାରା ଆଥ୍ଲେଟିକ୍ସ ଇଣ୍ଡିଆର କୋଷାଧ୍ୟକ୍ଷ ସୁନୀଲ କୁମାର ପରିଡ଼ା, ପ୍ରଶିକ୍ଷକ ବିଷ୍ଣୁ ପ୍ରସାଦ ମିଶ୍ର, ପାରା କ୍ରୀଡ଼ାବିତ୍ ଜୟନ୍ତୀ ବେହେରା, ମାର୍କଣ୍ଡ ରେଡ୍ଡୀ, କମଳାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କ ସମ୍ପତ୍ତି ସୁରକ୍ଷା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ

ପୁରୀ,୧।୨(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ବିଭିନ୍ନ ମୌଜାରେ ଥିବା ମୂଲ୍ୟବାନ ସମ୍ପତ୍ତିଗୁଡ଼ିକର ସୁରକ୍ଷା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ତତ୍ପରତା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସୂଚନାଫଳକ ସ୍ଥାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଦର୍ଶ ଗୁରୁକୁଳ ପ୍ରୋଜେକ୍ଟ ମାଟିତୋଟା, ପ୍ରେମକୁଞ୍ଜ ଗଳି, ବେହେରା ସାହି (ମାଟିତୋଟା) ଏବଂ ରେବତୀରମଣ ଏଭଳି ସ୍ଥାନଗୁଡ଼ିକରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ଉପରେ ସୂଚନାଫଳକ ଲଗାଯାଇ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ମାଲିକାନା ସ୍ୱତ୍ୱ ଜାହିର କରାଯାଇଛି। ତତ୍‌ସହିତ ଅନଧିକୃତ ଭାବେ ନିର୍ମିତ ଗୃହଗୁଡ଼ିକରୁ ବିଦ୍ୟୁତ୍ ସରବରାହ ଓ ପାନୀୟଜଳ ଯୋଗାଣକୁ ବିଚ୍ଛିନ୍ନ କରାଯାଇଛି। ଏଭଳି ଅନଧିକୃତ ନିର୍ମାଣ କରିଥିବା ବ୍ୟକ୍ତିବିଶେଷ ତଥା ଅନୁଷ୍ଠାନ ବିରୋଧରେ ସ୍ଥାନୀୟ ଥାନାରେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ମାମଲା ରୁଜୁ କରାଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତିର ସୁରକ୍ଷା ନିମନ୍ତେ ଏଭଳି ପ୍ରକ୍ରିୟା ଆଗକୁ ମଧ୍ୟ ଜାରି ରହିବ ବୋଲି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ଏଥିନିମନ୍ତେ ସର୍ବସାଧାରଣଙ୍କ ସହଯୋଗ କାମନା କରି ଏଭଳି ବେଆଇନ କାର୍ଯ୍ୟ କରୁଥିବା ଅସାମାଜିକ ବ୍ୟକ୍ତି ଓ ଅନୁଷ୍ଠାନକୁ ସତର୍କ କରାଯାଇଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ବାସେଲୀ ସାହି ବସତିରେ ହିନ୍ଦୁ ସମ୍ମିଳନୀ

ପୁରୀ ୧।୨(ଅଜିତ୍ କୁମାର ମହାନ୍ତି)

ସନାତନ ସଂସ୍କୃତି, ପରମ୍ପରା ଓ ସାମାଜିକ ଏକତାର ପ୍ରତୀକ ସ୍ୱରୂପ ହିନ୍ଦୁ ସମ୍ମିଳନୀ ବାସେଲୀ ସାହିର ମୁଦୁଲି ଜାଗା ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଉମାଶଙ୍କର ଜୀ ମହାରାଜ ଯୋଗଦାନ କରି କହିଛନ୍ତି, ସତ୍‌ସଙ୍ଗ କଲେ ଆମର ବିବେକ ଜାଗ୍ରତ ହେବ, ଜୀବନ ସୁନ୍ଦର, ସଫଳ ହେବ ଏବଂ ସମାଜ ସଂଗଠିତ ହେବ। ବର୍ତ୍ତମାନ ବିବାହ, ବ୍ରତଘର ଆଦି ଭୋଜିରେ ନିରାମିଷ ଖାଦ୍ୟ ଓ ମହାପ୍ରସାଦ ସେବନ କରିବାପରେ ଏକସ୍ଥାନରେ ହାତଧୁଆ ହେଉଛି, ଯାହା ମହାପ୍ରସାଦର ଅବମାନନା ବୋଲି କହିଥିଲେ।

ସମ୍ମାନିତ ଅତିଥି ଭାବେ ସ୍ୱାମୀ ଶାଶ୍ୱତାନନ୍ଦ ସରସ୍ୱତୀ କହିଛନ୍ତି, ହିନ୍ଦୁ ଧର୍ମ, ହିନ୍ଦୁ ସଂସ୍କୃତି ବିଶ୍ୱର ସର୍ବ ପୁରାତନ ଏବଂ ସର୍ବଶ୍ରେଷ୍ଠ ସଂସ୍କୃତି ଯାହା ଦିନେ ଭାରତକୁ ବିଶ୍ୱଗୁରୁ କରିଥିଲା। ମୁଖ୍ୟବକ୍ତା ଭାବେ ଡ. ତପନ ସାମଲ କହିଛନ୍ତି, ସ୍ୱଦେଶୀ ଜାଗରଣ, ନାଗରିକ କର୍ତ୍ତବ୍ୟ ପାଳନ, ହିନ୍ଦୁ ଜାଗରଣର ଆବଶ୍ୟକତା, କୁଟୁମ୍ବ ପ୍ରବନ୍ଧନ ଓ ପରିବେଶ ସୁରକ୍ଷା ବିଷୟରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମକୁ ରାଜପ୍ରତିମ ମହାପାତ୍ର ଓ ଶୁଭ୍ରପ୍ରକାଶ ପଣ୍ଡା ସଂଯୋଜନା କରିଥିଲେ। ଜିତେନ୍ଦ୍ର ଗୋଛିକାର, ଲକ୍ଷ୍ମୀକାନ୍ତ ଷଡ଼ଙ୍ଗୀ, ମଦନ ହୋତା, ଜଗନ୍ନାଥ ଦାଶ, ରାଜେଶ ନନ୍ଦ, ବୃନ୍ଦାବନ ମହାନ୍ତି, ଶଙ୍କର ଭାଇ, ଗୋପାଳ ମହାପାତ୍ର, ବାବୁନା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀସତ୍ୟନାରାୟଣ ଦେବଙ୍କ ପ୍ରତିଷ୍ଠା ମହୋତ୍ସବ

ପୁରୀ,୧।୨(ଅଜିତ୍ କୁମାର ମହାନ୍ତି)

ମାର୍କେଟଛକସ୍ଥିତ ଶ୍ରୀସତ୍ୟନାରାୟଣ ଦେବଙ୍କ ୪୮ତମ ମନ୍ଦିର ପ୍ରବେଶ ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଛି। ଶନିବାର ତ୍ରୟୋଦଶୀ ତିଥିରେ ଶ୍ରୋତ୍ରୀୟ ବ୍ରାହ୍ମଣମାନଙ୍କ ଉପସ୍ଥିତିରେ ଯଜ୍ଞ ଆରମ୍ଭ ଓ ପ୍ରାଣ ପ୍ରତିଷ୍ଠା ହୋଇଥିଲା। ସନ୍ଧ୍ୟାରେ ମଠାଧିଶ ଉମାଶଙ୍କର ଦାସଜୀ ମହାରାଜ, ବୈଷ୍ଣବ ଚରଣ ଦାସଜୀ ମହାରାଜଙ୍କ ଉପସ୍ଥିତିରେ ୫୧ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପାଲା ଗାୟକ ଅଭିମନ୍ୟୁ ଦୀକ୍ଷିତ ଓ ସାଥୀମାନେ ପାଲା ପରିବେଷଣ କରିଥିଲେ। ସେହିପରି ରବିବାର ଦ୍ୱିତୀୟ ଦିନରେ ମହନ୍ତ ଉମାଶଙ୍କର ଦାସଜୀ ମହାରାଜ ଓ ସାଥୀଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ଆବୃତ୍ତି କରାଯାଇଥିଲା। ଏହି ଅବସରରେ ଭକ୍ତଙ୍କୁ ମନ୍ଦିର ତରଫରୁ ପ୍ରସାଦ ବିତରଣ କରାଯାଇଛି। କାର୍ଯ୍ୟକ୍ରମକୁ ସଭାପତି ହୃଦାନନ୍ଦ ନାୟକ, ସମ୍ପାଦକ ସଦାଶିବ ସାହୁ, ସହସମ୍ପାଦକ ବିପିନ ମହାପାତ୍ରଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟି ସଦସ୍ୟମାନେ ପରିଚାଳନା କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଭ୍ୟ ତଥା ନାଟ୍ୟ ନିର୍ଦ୍ଦେଶକ ଭରତ କୁମାର ନାୟକ ଦୁଇଦିନର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ପଣ୍ଡିତ ବାସୁଦେବ ମହାପାତ୍ରଙ୍କ ୫୨ତମ ଶ୍ରାଦ୍ଧ ଉତ୍ସବ

ପୁରୀ,୧।୨(ଅଜିତ୍ କୁମାର ମହାନ୍ତି)




ପଣ୍ଡିତ ବାସୁଦେବ ମହାପାତ୍ରଙ୍କ ସ୍ମୃତି ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ପଣ୍ଡିତ ବାସୁଦେବ ମହାପାତ୍ର ସ୍ମୃତି ସ୍ମାରକୀ ଓ ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଓଡ଼ିଶା ଆନୁକୂଲ୍ୟରେ ଗୀତା ଭବନ ପରିସରରେ ପଣ୍ଡିତ ବାସୁଦେବ ମହାପାତ୍ରଙ୍କ ୫୨ତମ ଶ୍ରାଦ୍ଧ ଉତ୍ସବ ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଯୋଗଦେଇ ପଣ୍ଡିତ ବାସୁଦେବ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

ଏଥିରେ ମୁଖ୍ୟ ଅତିଥିଭାବେ ସୂଚନା ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ମୁଖ୍ୟବକ୍ତା ଭାବେ ସତ୍ୟବାଦୀ ଇତିହାସର ଲେଖକ ଭୀମସେନ ମହାପାତ୍ର ଯୋଗଦେଇ କହିଥିଲେ, ପଣ୍ଡିତ ମହାପାତ୍ର ଏକାଧାରରେ ୭୩ ଖଣ୍ଡ ପୁସ୍ତକର ଲେଖକ ଥିଲେ। ଅନ୍ୟତମ ଅତିଥିଭାବେ ସୁନନ୍ଦା ଦେବୀ, କବି ପ୍ରସନ୍ନ ମିଶ୍ର, ଭାସ୍କର ମିଶ୍ର, ବିନୋଦ କୁମାର ପଣ୍ଡା ଓ ଡ. ରାଧାକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷାବିତ୍ ଜ୍ୟୋତି ମିଶ୍ର, ସାଇ ସୁମନ ମହାପାତ୍ର, ଅଂଶୁମାନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ଅଧିବକ୍ତା ବିନୟ ନରସିଂହ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଆର୍‌ଡିସିଙ୍କ କ୍ଷେତ୍ର ପରିଦର୍ଶନ

ପୁରୀ,୧।୨(ଅଜିତ୍ କୁମାର ମହାନ୍ତି)



ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ଆର୍‌ଡିସିଙ୍କ କ୍ଷେତ୍ର ପରିଦର୍ଶନ।

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ପୁନମ୍‌ଗୁହା ତାପସ କୁମାର ରବିବାର ଅପରାହ୍ନରେ ପୁରୀ ଆସି ରାଷ୍ଟ୍ରପତିଙ୍କ ଗସ୍ତର ସମୀକ୍ଷା କରିଛନ୍ତି। ଆର୍‌ଡିସି ସର୍କିଟ ହାଉସରେ ପହଞ୍ଚିବା ପରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ତାଙ୍କୁ ସ୍ୱାଗତ କରିବା ସହ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ଓ ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ। ପରେ ଆର୍‌ଡିସି ଲୋକଭବନକୁ ପରିଦର୍ଶନ କରି ସମସ୍ତ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଶ୍ରୀମନ୍ଦିର ଓ ଶ୍ୱେତଗଙ୍ଗା ଅଞ୍ଚଳକୁ ଆର୍‌ଡିସି ପରିଦର୍ଶନ କରି ବିବିଧ ପରାମର୍ଶମାନ ଦେଇଥିଲେ। ଜିଲା ପ୍ରଶାସନର ସମସ୍ତ ବିଭାଗ ସେମାନଙ୍କ କାର୍ଯ୍ୟକୁ ଠିକ୍ ଭାବେ ପରିଚାଳନା କରିବା ସହ ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ରାଷ୍ଟ୍ରପତି ଓ ଅନ୍ୟଅତିଥି, ଅଧିକାରୀ, କର୍ମଚାରୀଙ୍କର ରହଣି ବ୍ୟବସ୍ଥା, କାର୍ଯ୍ୟସୂଚୀ ଅନୁସାରେ ସମସ୍ତ କାର୍ଯ୍ୟକୁ ଶୃଙ୍ଖଳିତ ଭାବେ ନିର୍ବାହ କରିବାକୁ ଆର୍‌ଡିସି ପୁନମ୍‌ଗୁହା ତାପସ କୁମାର ପରାମର୍ଶ ଦେଇଥିଲେ। ଏହି ସମୟରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଡିଏମ୍‌ଓ ଡ. ଅକ୍ଷୟ କୁମାର ଶତପଥୀ, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପଜିଲାପାଳ ରାଜକିଶୋର ଜେନା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ବ୍ରହ୍ମଗିରି ବିଡିଓ ମନୀଷା ଷଡ଼ଙ୍ଗୀ, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର




ପୁରୀ ତାଳବଣିଆ ଅସ୍ଥାୟୀ ହେଲିପ୍ୟାଡ୍ ପଡ଼ିଆରେ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ହେଲିକପ୍ଟର ଅବତରଣର ଅଭ୍ୟାସ କରାଯାଉଛି।




ରବିବାର ସକାଳେ ଶ୍ରୀମନ୍ଦିର ଉପରେ ପଡ଼ିଥିବା କୁହୁଡ଼ିର ଆସ୍ତରଣ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

**୬୮ତମ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି**

କଟକ ସଦର,(ସୁଶାନ୍ତ କୁମାର ଜେନା): ୪୨ ମୌଜା ଅନ୍ତର୍ଗତ କୂଳସରିତୁଆଁ ପଞ୍ଚାୟତର ବରାଳ ଗ୍ରାମର ଆରାଧ୍ୟ ଶ୍ରୀ ନୀଳକଣ୍ଠ ନାଥ ଦେବଙ୍କ ୬୮ତମ ବିଶ୍ୱଶାନ୍ତି ମହାଯଜ୍ଞ ରବିବାର ପୂର୍ଣ୍ଣାହୁତି ହୋଇଯାଇଛି। ଜାନୁଆରୀ ୨୬ରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଏହି ଯଜ୍ଞ ଚାଲିଥିଲା। ଯଜ୍ଞ ସମିତି ଓ ଚାନ୍ଦୁଲି, ବରାଳ, ଡିହସରିତୁଆଁ, କୂଳସରିତୁଆଁ, ଭାରଗୋଲ, କଳପଡ଼ା, ବସନ୍ତ କୁଣ୍ଡଳ, ଟାଇଁକଣା ସମେତ ୪୨ ମୌଜା ଲୋକମାନଙ୍କ ସହଯୋଗରେ ଯଜ୍ଞ ଅନୁଷ୍ଠିତ ହେଉଥିଲା। ସଭାପତି ମନୋଜ କୁମାର ନାୟକଙ୍କ ସହଯୋଗରେ ୟୁନିୟନ ଫର କଟକ ସଦର ଡେଭଲପ୍‌ମେଣ୍ଟ ପକ୍ଷରୁ ଯଜ୍ଞକୁ ଆସୁଥିବା ଭକ୍ତ ଓ ଦର୍ଶକମାନଙ୍କ ପାଇଁ ପାଣି ଓ ଚା' ବଣ୍ଟନ କରାଯାଉଥିଲା।



**ସଂକ୍ଷେପରେ**

## ଶାରଦା ଶିକ୍ଷା ନିକେତନର ବାର୍ଷିକ ପ୍ରଦର୍ଶନୀ ମେଳା

କଟକ,୧।୨(କାର୍ତ୍ତିକ ସାହୁ)

ଭଗତପୁରସ୍ଥିତ ଶାରଦା ଶିକ୍ଷା ନିକେତନର ବାର୍ଷିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ବିଦ୍ୟୁତ୍ କୁମାରୀ ଲାଲାଙ୍କ ଅଧ୍ୟକ୍ଷତାରେ ବିଜ୍ଞାନ ମେଳା, ମୀନା ବଜାର ଓ ହସ୍ତକର୍ମ ମେଳା ପରିଚାଳିତ ହୋଇଛି। ଲେଡିଜ୍ ୱାର୍କର୍ସ କ୍ଲବ ସଭାପତି ସନ୍ଧ୍ୟା ମହାପାତ୍ର ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଗୋକୁଳାନନ୍ଦ ପଟ୍ଟନାୟକ, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ମହାନ୍ତି ଯୋଗଦେଇ ପିଲାମାନଙ୍କୁ ବିଜ୍ଞାନର ଉପଯୋଗିତା ଉପରେ କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ପ୍ରହରାଜ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୁଭସ୍ମିତା ଓଝା, ଜିଜ୍ଞାସା ମହାରଣା ଓ ସ୍ୱାତି ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କ୍ରିଏଟିଭ ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ

ଚୌଦ୍ୱାର,୧।୨(ଆଶୁତୋଷ ଦାସ)

ସ୍ଥାନୀୟ କ୍ରିଏଟିଭ ପବ୍ଲିକ୍ ସ୍କୁଲର ୧୮ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ବିଚିତ୍ରାନନ୍ଦ ରାଉତରାୟଙ୍କ ପୌରୋହିତ୍ୟରେ ଧୁମାବତୀ ବଜାରସ୍ଥିତ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ଅଧ୍ୟକ୍ଷ କିଶୋର କୁମାର ସାହୁ, ବିଦ୍ୟାଳୟ ଅଧ୍ୟକ୍ଷା କଲ୍ୟାଣୀ ମିଶ୍ର, ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ବିମଳ କୁମାର ବେଉରା, ରବୀନ୍ଦ୍ର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ କୁମାର ନାୟକ, ରାଜକିଶୋର ସାମନ୍ତରାୟ, ଅସିତ୍ ନାୟକ, ଆଲୋକ କୁମାର ସାହୁ, ରଶ୍ମିରଞ୍ଜନ ଦାସ, ଦେବେନ୍ଦ୍ର ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କଲ୍ୟାଣୀ ମିଶ୍ର ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ବିଜୟ କେତନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କୁନି ପିଲାମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ ବିଚିତ୍ରା ପରିବେଷଣ କରାଯାଇଥିଲା।

## ରାଜ୍ୟ ଖଦି ବୋର୍ଡ ସଦସ୍ୟତା ପଦରୁ ଇସ୍ତଫା ଦେଲେ ସମୀର ସାମନ୍ତରାୟ

ବ୍ରାହ୍ମଣଝରିଲୋ, ୧।୨

କଟକ ଜିଲା ଯୋଜନା ବୋର୍ଡର ପୂର୍ବତନ ସଦସ୍ୟ ତଥା ବାରଙ୍ଗ ବ୍ଲକ ବିଜେଡିର ପୂର୍ବତନ ବ୍ଲକ ସଭାପତି ସମୀର ସାମନ୍ତରାୟ



ତାଙ୍କର ବ୍ୟକ୍ତିଗତ କାରଣ ପାଇଁ ଓଡ଼ିଶା ଖଦି ବାର୍ଡ ଓ ଗ୍ରାମ୍ୟ ଉଦ୍ୟୋଗର ରାଜ୍ୟ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ୨୦୨୧ରୁ ଆଜି ପର୍ଯ୍ୟନ୍ତ ଖଦି ବୋର୍ଡ ମାଧ୍ୟମରେ ରାଜ୍ୟବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଖଦି ବୋର୍ଡ ଓ ଗ୍ରାମ୍ୟ ଉଦ୍ୟୋଗ ପୂର୍ବତନ ସଭାପତି ସଂଗ୍ରାମ ପାଇକରାୟ, ବିଧାୟକ ଡ. ଅରୁଣ ସାହୁ, ବିଧାୟକ ଡ. ବ୍ୟୋମକେଶ ରାୟ ଓ ପୂର୍ବତନ ବିଧାୟକ ପ୍ରଫେସର ଡ. ପ୍ରମୋଦ କୁମାର ମଲ୍ଲିକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# 'ଦୈନନ୍ଦିନ ଜୀବନଶୈଳୀକୁ ସଜାଡ଼ି ନିଅନ୍ତୁ'

**ଶୈଳବାଳାରେ ତ୍ରିଦିବସୀୟ ଆନ୍ତଃ ଜିଲାସ୍ତରୀୟ ଯୁବ ପ୍ରଶିକ୍ଷଣ ଶିବିର**

କଟକ,୧।୨(କାର୍ତ୍ତିକ ସାହୁ)



କାର୍ଯ୍ୟକ୍ରମରେ ଜଣେ କୃତୀ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଉଛି।

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ତ୍ରିଦିବସୀୟ ଆନ୍ତଃ ଜିଲାସ୍ତରୀୟ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ଯୁବ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରବିବାର ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏନ୍‌ଏସ୍‌ଏସ୍ ରିଜିଓନାଲ ଡାଇରେକ୍ଟରର ୟୁଥ୍ ଅଫିସର ଅଜିତ କୁଶ୍ୱାହା ଯୋଗଦେଇ କହିଲେ, ନେତୃତ୍ୱ ନିରନ୍ତର ଆତ୍ମଗଠନ ପ୍ରୟାସର ପ୍ରଭାବ, ଯାହା ସମୂହକୁ ଉଚିତ ମାର୍ଗରେ ଅଗ୍ରଣୀ କରାଏ। ରାଷ୍ଟ୍ରସେବାର ସଦିଚ୍ଛା ହିଁ ଭାରତକୁ ସଫଳତାର ଶୀର୍ଷରେ ପହଞ୍ଚାଇବ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରର ଉଦ୍ୟୋଗପତି ସୌଭାଗ୍ୟ କୁମାର ସାମଲ ଯୋଗଦେଇ କହିଲେ, ପ୍ରତ୍ୟେକ ସ୍ୱେଚ୍ଛାସେବୀ ନିଜ ଦୈନନ୍ଦିନ ଜୀବନଶୈଳୀକୁ ସଜାଡ଼ି ନିଅନ୍ତୁ। କୁସଙ୍ଗ, କୁଅଭ୍ୟାସ, କୁବିଚାର ଆଦିକୁ ତ୍ୟାଗ କରି ସ୍ୱାସ୍ଥ୍ୟର ଯତ୍ନ ନେଇ ଶିକ୍ଷା ତଥା ସେବାକୁ ଆଗେଇ ନିଅନ୍ତୁ। ଅନ୍ୟତମ ସମ୍ମାନିତ ଅତିଥି କିଟ୍ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଲିଏଜନ ଅଧିକାରୀ ଡ. ସ୍ମୃତି ରଞ୍ଜନ ଦାସ କହିଲେ, ବଳିଷ୍ଠ ବ୍ୟକ୍ତିତ୍ୱ, ନେତୃତ୍ୱ ତଥା ସେବାଭାବ ହୃଦୟରେ ସର୍ବଦା ରଖି ଉଦାହରଣ ହୁଅନ୍ତୁ। କର୍ମ କୌଶଳ, ଖରାପ ଗୁଣକୁ ପରିତ୍ୟାଗ କରିବାର ପ୍ରବୃତ୍ତି, ରାଷ୍ଟ୍ରକୁ ଗର୍ବିତ କରିବାର ଲକ୍ଷ୍ୟ ତଥା ବିଶ୍ୱ ଏକ ଘର ବୋଲି ଭାବନା ପୋଷଣ କରନ୍ତୁ। ମହାବିଦ୍ୟାଳୟର ଆସୋସିଏଟ୍ ଆଡ୍‌ମିନିଷ୍ଟ୍ରେଟିଭ ବର୍ସାର ସୁରେଶ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ଯୋଗମାୟା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଅଧ୍ୟାପିକା ସୁଶ୍ରୀ ଶିବାନୀ ଦାଶ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୃତୀ ସ୍ୱେଚ୍ଛାସେବୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ରମାଦେବୀ ବିଶ୍ୱବିଦ୍ୟାଳୟ ଅଧୀନ କଟକ, କେନ୍ଦ୍ରାପଡ଼ା, ଯାଜପୁର ଓ ଜଗତ୍‌ସିଂହପୁର ଜିଲାର ମହାବିଦ୍ୟାଳୟଗୁଡ଼ିକରୁ ୯୨ଜଣ ସ୍ୱେଚ୍ଛାସେବୀ ଓ ୧୮ଜଣ କାର୍ଯ୍ୟକ୍ରମ ଅଧିକାରୀ ଶିବିରରେ ଯୋଗଦେଇଥିଲେ। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଆର୍ଥିକ ସହାୟତା ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସହଯୋଗରେ ଶିବିର ଅନୁଷ୍ଠିତ ହୋଇଥିଲା। ଲାଲ୍‌ବାଗ ଥାନା ପକ୍ଷରୁ ଶିବିରାର୍ଥୀମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଇଥିଲା।

## ତୋଟାପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଖୁଣ୍ଟୁଣୀ,୧।୨(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ଥାନା ଅଧୀନ ତୋଟାପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷୟିତ୍ରୀ ସାଗରିକା ଦାସ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ପୂର୍ବତନ ଶିକ୍ଷା ଅନୁ ନିରୀକ୍ଷକ ନିମାଇଁ ଚରଣ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶକ୍ତି ପ୍ରସାଦ ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ପ୍ରତାପ କୁମାର ସ୍ୱାଇଁ, ବରିଷ୍ଠ ଶିକ୍ଷୟିତ୍ରୀ ଜୟନ୍ତୀ ଦାସ, ସିଆରସିସି ନୃସିଂହ ଚରଣ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ନିରାକାର ସାହୁ ପ୍ରମୁଖ ଯୋଗଦେଇ ବାର୍ଷିକ କ୍ରୀଡ଼ାରେ କୃତୀ ପ୍ରତିଯୋଗୀ ଓ ୧ମରୁ ୭ମ ଶ୍ରେଣୀ ସମେଟିଭ-୧ ପରୀକ୍ଷାରେ ଶ୍ରେଷ୍ଠ ପ୍ରତିପାଦିତ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ପୁରସ୍କୃତ କରିଥିଲେ। ପୂର୍ବତନ ସିଆର୍‌ସିସି ସୁବ୍ରତ କୁମାର ସ୍ୱାଇଁ ସଭା ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ମଞ୍ଜୁଲତା ଦେଇ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ପ୍ରଜ୍ଞା ସରିତା ନାୟକ, ଇନ୍ଦୁମତୀ ସାହୁ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ବାର୍ଷିକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଅଭିଭାବକ ଏବଂ ତୋଟାପଡା ଗ୍ରାମବାସୀ ଉପସ୍ଥିତ ଥିଲେ।

# 'ଆଜି କଥା କାଲିକି ନାହିଁ', 'ମହାନ୍ତକ' ପୁସ୍ତକ ଉନ୍ମୋଚିତ

**ଅଭିମନ୍ୟୁ ସାମନ୍ତସିଂହାର ସାହିତ୍ୟ ସୃଜନୀର ଚତୁର୍ଥ ବାର୍ଷିକ ସାରସ୍ୱତ ସମାରୋହ**



ଅତିଥିମାନେ 'ଆଜି କଥା କାଲିକି ନାହିଁ', 'ମହାନ୍ତକ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

କଟକ,୧।୨(କାର୍ତ୍ତିକ ସାହୁ)

ଯାଜପୁର ବଡ଼ଚଣାସ୍ଥିତ ଅଭିମନ୍ୟୁ ସାମନ୍ତସିଂହାର ସାହିତ୍ୟ ସୃଜନୀର ଚତୁର୍ଥ ବାର୍ଷିକ ସାରସ୍ୱତ ସମାରୋହ ଶ୍ରୀରାମଚନ୍ଦ୍ର ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ଅଶୋକ କୁମାର ସାମଲ, ଡ. ମିନତି ମିଶ୍ର ଅନୁଭବରେ ନିଜ ମାଟିଭାଷାର କଥା କହିଥିଲେ। ସମ୍ମାନିତ ବକ୍ତା ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ସାହିତ୍ୟର ଅସଲ ଶକ୍ତି, କ୍ରାନ୍ତି ଏବଂ ଅଧିକାର ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା କୈବଲ୍ୟ ସାହିତ୍ୟ ସଂସଦର ପ୍ରତିଷ୍ଠାତା ଡ. ସଂଗ୍ରାମ କେଶରୀ ସାମନ୍ତରାୟ ସାହିତ୍ୟର ଗୌରବ ଗାଥା କହିଥିଲେ। ମୁଖ୍ୟ ଅତିଥି ଭାବେ ଲୋକସେବକ ମଣ୍ଡଳର ପୂର୍ବତନ ସମ୍ପାଦକ ଡ. ପ୍ରଭାସ ଆଚାର୍ଯ୍ୟ ସାହିତ୍ୟ ବିବରଣୀକୁ ଭିତ୍ତିକରି ତାଙ୍କ ନିଜ ଅନୁଭବର ତର୍ଜମାରେ ସର୍ବୋତ୍ତମ ସାହିତ୍ୟର ପରିଭାଷା ଉପସ୍ଥାପନା କରିଥିଲେ। ଅନୁଷ୍ଠାନ ସଭାପତି ନିରଞ୍ଜନ ପଣ୍ଡା ଉଚିତ୍ ସାହିତ୍ୟର ପରିଭାଷା ମାର୍ଗଦର୍ଶନ କରିଥିଲେ। ସମ୍ପାଦକ ଡ. ଅମୂଲ୍ୟ କୁମାର ନାୟକ ବିବରଣୀ ପାଠ, ଡ. ରାଧେଶ୍ୟାମ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ଡ. ନଟବର ପ୍ରଧାନଙ୍କ ରଚିତ 'ଆଜି କଥା କାଲିକି ନାହିଁ' ଓ କବୟିତ୍ରୀ ରଶ୍ମିତା ଦାଶଙ୍କ 'ମହାନ୍ତକ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସହସମ୍ପାଦିକା ଡ. ପ୍ରିୟଦର୍ଶିନୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଠକେଇ ଅଭିଯୋଗରେ ଜଣେ ଗିରଫ

ଫୁଲନଖରା,୧।୨(ସତ୍ୟରଞ୍ଜନ ଦାସମହାପାତ୍ର)

ସୁଲଭ ମୂଲ୍ୟରେ ଘରବାଡ଼ିଯୋଗ୍ୟ ଜମି ଯୋଗାଇ ଦେବାକୁ କହି ବିଭିନ୍ନ ସୂତ୍ରରେ ୩୮ଲକ୍ଷ ଟଙ୍କା ହଡ଼ପ କରିବା ଅଭିଯୋଗରେ ଜଣେ ବିଲ୍‌ଡରଙ୍କୁ ସଦର ଥାନା ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ଜଗନ୍ନାଥ ବିହାରରେ ରହୁଥିବା ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳର ସଞ୍ଜୀବ ବିଶ୍ୱାଳ। ପୋଲିସ ସୂତ୍ରରୁ ପ୍ରକାଶ, କଟକ ମାଲଗୋଦାମ ଥାନା କଲେଜ ଛକ ଅଞ୍ଚଳର ତୁଷାର ରଞ୍ଜନ ମିଶ୍ର ଓ ବାଦାମବାଡ଼ି ଥାନା ଅନ୍ତର୍ଗତ ଖାନନଗରରେ ରହୁଥିବା ମାନସ ରଞ୍ଜନ ଭୂୟାଁଙ୍କୁ ବାରଙ୍ଗ ଶ୍ରୀବନ୍ତପୁର ଗ୍ରାମରେ ୫୦୦୦ ହଜାର ସ୍କୋୟାର ଫୁଟ ଜମି ଦେବା ପାଇଁ କହି ବିଭିନ୍ନ କିସ୍ତିରେ ସଞ୍ଜୀବ ଓ ତାଙ୍କ ସ୍ତ୍ରୀ ଅଗ୍ରିମ ୩୮ ଲକ୍ଷ ଟଙ୍କା ନେଇଥିଲେ। ପରେ ସଞ୍ଜୀବ ଜମି କବଲା ନ କରି ତୁଷାର ଓ ମାନସଙ୍କୁ ଆଜିକାଲି କହି ଟଙ୍କା ଫେରସ୍ତ କରି ନ ଥିଲେ। ଏ ନେଇ ତୁଷାର ଓ ମାନସ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୮୪/୨୬)ରୁଜୁ କରି ସଞ୍ଜୀବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୩ ହଜାର ଲିଟର ଗୁଡ଼ପୋଚ ସହ ଦେଶୀମଦ ଜବତ



ଖୁଣ୍ଟୁଣୀ,୧।୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଡାଲୁଆ ଗ୍ରାମ ନିକଟ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଚାଲିଥିବା ଚୋରା ଦେଶୀମଦ ପ୍ରସ୍ତୁତି କାରଖାନା ଉପରେ ରବିବାର ଖୁଣ୍ଟୁଣୀ ପୋଲିସ ଚଢ଼ାଉ କରିଛି। ଚଢ଼ାଉରେ ମଦ ପ୍ରସ୍ତୁତକାରୀ ଓ ସହଯୋଗୀମାନେ ଫେରାର ହୋଇଯାଇଥିବା ବେଳେ ସେଠାରୁ ପୋଲିସ ୩ ହଜାର ଲିଟର ମଦ ପ୍ରସ୍ତୁତି ପାଇଁ ଥିବା ଗୁଡ଼ପୋଚ ଏବଂ ସେଠାରେ ପ୍ରସ୍ତୁତ ହୋଇ ରହିଥିବା ଶତାଧିକ ଲିଟର ଦେଶୀମଦ ଜବତ ହୋଇଛି। ଖୁଣ୍ଟୁଣୀ ପୋଲିସ ଥାନାରେ ଏକ ମାମଲା ରୁଜୁ କରିଛି। ପ୍ରାପ୍ତ ସୂଚନା ମୁତାବକ ଖୁଣ୍ଟୁଣୀ ଥାନାର ନୂତନ ଆଇଆଇସି ଜହର ଆବେଦିନଙ୍କ ନେତୃତ୍ୱରେ ଖୁଣ୍ଟୁଣୀ ପୋଲିସ ଏକ ଟିମ୍ ମଣିଆବନ୍ଧ ସଂରକ୍ଷିତ ଜଙ୍ଗଲରେ ଚଢ଼ାଉ କରିଥିଲା। ଜଙ୍ଗଲ ମଧ୍ୟରେ ଗାତଖୋଳି ପ୍ଲାଷ୍ଟିକ ଡ୍ରମରେ ରଖିଥିବା ୩ ହଜାର ଲିଟର ଗୁଡ଼ପୋଚ ଏବଂ ପ୍ରସ୍ତୁତ ହୋଇଥିବା ଶତାଧିକ ଲିଟର ଦେଶୀ ମଦ ପୋଲିସ ଜବତ କରି ଘଟଣାସ୍ଥଳରେ ନଷ୍ଟ କରିଦେଇଥିଲା। ଜଙ୍ଗଲ ଭିତରେ ଥିବା ବହୁ ମଦଭାଟିକୁ ପୋଲିସ ନଷ୍ଟ କରିଥିବା ଆଇଆଇସି କହିଛନ୍ତି। ଚଢ଼ାଉ ପୂର୍ବରୁ ଦେଶୀମଦ ମାଫିଆମାନେ ପୂର୍ବରୁ ସୂଚନା ପାଇ ସ୍ଥାନ ଛାଡି ଫେରାର ହୋଇଯାଇଥିଲେ। ଫଳରେ ପୋଲିସ ଚଢ଼ାଉ ସମୟରେ କାହାରିକୁ ଗିରଫ କରି ପାରି ନ ଥିଲା। ଚଢ଼ାଉରେ ଆଇଆସିସି ଆବେଦିଙ୍କ ସହିତ ଏସ୍‌ଆଇ ପ୍ରିୟଦର୍ଶନ ସେଠୀ, ସସ୍ମିତା ପରିଡ଼ା, ଶେଷଦେବ ରାଜ ଓ ଅନ୍ୟ ଷ୍ଟାଫମାନେ ସାମିଲ ଥିଲେ।

## ଭାଜପାର ସାଙ୍ଗଠନିକ ବୈଠକ



ସାଙ୍ଗଠନିକ ବୈଠକରେ ଉପସ୍ଥିତ ଭାଜପା ନେତୃମଣ୍ଡଳୀ।

ଚୌଦ୍ୱାର,୧।୨(ଆଶୁତୋଷ ଦାସ)

ଭାଜପାର ଚୌଦ୍ୱାର ଓ ଇନ୍ଦ୍ରାଣୀପାଟଣା ମଣ୍ଡଳର ସାଙ୍ଗଠନିକ ବୈଠକ ସ୍ଥାନୀୟ କଳାପ୍ରକାଶିନୀ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ମଣ୍ଡଳ ସଭାପତି ମମତା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ବୁଥ କମିଟି ଗଠନ, କର୍ମୀମାନଙ୍କ ଦାୟିତ୍ୱ, ଗ୍ରାମୀଣ ନିଯୁକ୍ତି ନୂତନ ଗ୍ୟାରେଣ୍ଟି, ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଓ ରଣନୀତି ପ୍ରସ୍ତୁତି ଆଦି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ରାଜ୍ୟ ପରିଷଦ ସଦସ୍ୟ ଚିରଞ୍ଜୀବୀ ଖଣ୍ଡାୟତରାୟ, ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ପ୍ରଶାନ୍ତ କୁମାର ହୋତା, ଦାମୋଦର ନାୟକ, ଅଜିତ୍ କୁମାର ସୁବୁଦ୍ଧିରାୟ, ଇଂ. ସୁଜାତା ସାହୁ, ସନ୍ତୋଷ କୁମାର ସାହୁ, ବିଷ୍ଣୁ ଚରଣ ପରିଡ଼ା, ସନ୍ତୋଷ କୁମାର ବେହେରା, ଅଶୋକ କୁମାର ନାୟକ, ପ୍ରଶାନ୍ତ ବିଶ୍ୱାଳ, ସୁମିତ୍ରା ମହାନ୍ତିଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

# ଆଞ୍ଚଳିକ ଫୁଟ୍‌ବଲ: ଦେବୀନଗର ଚାମ୍ପିୟନ

ଚୌଦ୍ୱାର,୧।୨(ଆଶୁତୋଷ ଦାସ)



ଚାମ୍ପିୟନ ଟ୍ରଫି ସହ ଅତିଥି ଓ ଖେଳାଳିମାନେ।

ଚୌଦ୍ୱାର ପୌରପାଳିକା ଅଧୀନ ଦୌଲତାବାଦସ୍ଥିତ ଟିପିଏମ୍ ଖେଳପଡିଆରେ ସାଇ ସ୍ପୋର୍ଟ୍ସ ଆନୁକୂଲ୍ୟରେ ୨ଦିନ ଧରି ଚାଲିଥିବା ଆଞ୍ଚଳିକ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ଆଖପାଖ ଅଞ୍ଚଳର ୮ଟି ଟିମ ଯୋଗଦେଇଥିଲା। ସିଏଏଫ୍‌ସି ଚୌଦ୍ୱାର ଓ ଦେବୀନଗରର ଟାଉନ ଟାଇଗର ଫୁଟବଲ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କଡା ମୁକାବିଲା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଟାଇବ୍ରେକର ଜରିଆରେ ୪-୩ ଗୋଲରେ ଦେବୀନଗରର ଟାଉନ ଟାଇଗର ଚାମ୍ପିୟନ ହୋଇଥିଲା। ରେଫରି ଅବଦୁଲ ମାଟିନ୍, ଫଗୁରାମ ହେମରମ୍ ଓ ନାରାୟଣ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଆଡ୍‌ଭୋକେଟ ପ୍ରମୋଦ ସାହୁ, କାଉନସିଲର ଅଜୟ ବେହେରା, ଆଶୁତୋଷ ଦାସ, ଅର୍ଜ୍ଜୁନୀ ବେହେରା, ତୀର୍ଥାନନ୍ଦ ସୁବୁଦ୍ଧିରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଟାଉନ ଟାଇଗର ଲଗାତାର ଭାବେ ୩ ବର୍ଷ ଧରି ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ଆଖ୍ୟା ଅର୍ଜନ କରୁଛି। ସାଇ କ୍ଲବ୍‌ର ପରେଶ ମହାପାତ୍ର, ପରେଶ ମହାନ୍ତି, ମନୋଜ ବେହେରା, ରଞ୍ଜନ କୁମାର ସ୍ୱାଇଁ, ଦୀପକ କୁମାର ନାୟକ, ମନମୋହନ ଦାସ, ଅମିତାଭ ଭଦ୍ର ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

**ଫଟୋରେ ଖବର**



ଶ୍ରୀରାମ ଚନ୍ଦ୍ର ଭବନରେ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ପୁଣ୍ୟତିଥିରେ ବାଚସ୍ପତି ସୁରମା ପାଢ଼ୀ ସାମ୍ବାଦିକ ରବୀନ୍ଦ୍ର କୁମାର ପଟ୍ଟନାୟକଙ୍କୁ ସାମ୍ବାଦିକ ଗୌରବ ସମ୍ମାନ ପ୍ରଦାନ କରୁଛନ୍ତି।




ସିଡିଏ ସେକ୍ଟର-୧୧ସ୍ଥିତ ମା' ଦୁର୍ଗା ଖେଳପଡ଼ିଆରେ ଦ୍ୱିତୀୟ ରଙ୍ଗମ ସିଡିଏ ଫେଷ୍ଟିଭାଲର ରବିବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଶିତ ଫ୍ୟୁଜନରାଜା ଏବଂ ଗ୍ରୁପ କୋଲକାତାର କ୍ଲାସିକାଲ ନୃତ୍ୟ।



ଚାନ୍ଦିନୀଚୌକ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ରବିବାର ଅନୁଷ୍ଠିତ ଅଗ୍ନ୍ୟୁତ୍ସବ ପାଳନ କରାଯାଉଛି। ( ଫଟୋ: ରାଜକିଶୋର ମହାନ୍ତି)

